# ୮ ମାସରେ ଦୁଇଫାଳ ୮ କୋଟିର ରାସ୍ତା

## ମଙ୍ଗଳପୁର-ବଡ଼କୁଆଁଳ ଏମ୍ଏମ୍‌ଜିଏସ୍‌ୱାଇ

ଯାଜପୁର/ଦଶରଥପୁର, ୨୩।୪ (ହର୍ଷବର୍ଦ୍ଧନ ବେହେରା/ ସୁଶାନ୍ତ କୁମାର ବେହୁରିଆ)


ବିଦ୍ଧାନନ୍ଦିପୁର ସ୍କୁଲ ଓ ପୋଲ ନିକଟରେ ରାସ୍ତା ମଝିରୁ ଫାଟି ଦୁଇ ଫାଳ ହୋଇଯାଇଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଯୋଗ ବ୍ୟବସ୍ଥାକୁ ସହଜ ଓ ସୁରକ୍ଷିତ କରିବାର ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା(ଏମ୍ଏମ୍‌ଜିଏସ୍‌ୱାଇ)ପ୍ରଣୟନ କରାଯାଇଛି। ଏହି ଯୋଜନା ଅଧୀନରେ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ବିଭାଗ ଯାଜପୁର ଡିଭିଜନ-୧ ଅଧୀନରେ ବିଭିନ୍ନ ରାସ୍ତା ନିର୍ମାଣ ତଥା ମରାମତି ନାମରେ ବହୁ କୋଟି ଟଙ୍କା ବ୍ୟୟବରାଦ ହେଉଛି। କିନ୍ତୁ କମିଶନ କାରବାର ଏବଂ ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାର କଂକ୍ରିଟକରଣ ଅଂଶସମ୍ପୂର୍ଣ୍ଣ ହେବାର ୮ ମାସ ମଧ୍ୟରେ ୮ କୋଟି ଟଙ୍କାର ଏହି ପ୍ରକଳ୍ପ ରାସ୍ତା ଦୁଇଫାଳ ହୋଇଯାଇଛି। ଫଳରେ ତାହା ଲୋକଙ୍କ ପାଇଁ ବିପଦାପନ୍ନ ହୋଇଛି। ଏଠାରେ ଜିଲାର ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁରଠାରୁ ବଡ଼କୁଆଁଳ ପର୍ଯ୍ୟନ୍ତ ନିର୍ମାଣାଧୀନ ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ଏଥିରୁ ଏହି ବିଭାଗରେ କ୍ରମଶଃ ମହା ଘୋଟାଲା ହେବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି। ରାସ୍ତା କାର୍ଯ୍ୟର ଉପଯୁକ୍ତ ତଦନ୍ତ କରି ମୁଣ୍ଡାଉଥିବା ବଦନାମକୁ ଦୂର କରିବା ପରିବର୍ତ୍ତେ ବିଭାଗୀୟ ନୀରବତା ଏଭଳି ଅଭିଯୋଗର ସତ୍ୟତାକୁ ଆହୁରି ଦୃଢ଼ୀଭୂତ କରୁଛି ବୋଲି ଚର୍ଚ୍ଚା ହେଉଛି।

ଅଭିଯୋଗ ଅନୁସାରେ ୮.୩୧ କୋଟି ବ୍ୟୟ ଅଟକଳରେ ମଙ୍ଗଳପୁରଠାରୁ ବଡ଼କୁଆଁଳ ରାସ୍ତାର ନିର୍ମାଣ କାର୍ଯ୍ୟ ଦାୟିତ୍ୱ ଠିକାସଂସ୍ଥା ମେସର୍ସ ସତ୍ୟସାଇ କନଷ୍ଟ୍ରକଶନକୁ ମିଳିଛି। ଯାହାର କାର୍ଯ୍ୟ ୨୬।୧୧।୨୦୨୨ରେ ଆରମ୍ଭ ହୋଇ ୨୫।୧୦।୨୦୨୩ ଶେଷ କରିବାକୁ ଚୁକ୍ତି ହୋଇଛି। ସେହିପରି ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ୨୬।୧୦।୨୦୨୩ରୁ ଆରମ୍ଭ ହୋଇ ୨୫।୧୦।୨୦୨୮ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଚୁକ୍ତିପତ୍ରରେ ଦର୍ଶାଯାଇଛି। ମାତ୍ର କାର୍ଯ୍ୟ ଶେଷ ଅବଧିର ଅଢ଼େଇ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିବାବେଳେ ନିମ୍ନମାନର କାର୍ଯ୍ୟ ଯୋଗୁ କେତେକ ସ୍ଥାନରେ ପିଚୁ ଉଠିଯିବା ସହିତ କଂକ୍ରିଟରେ ମଧ୍ୟ ଫାଟ ସୃଷ୍ଟି ହେଲାଣି। ଯାହା ବର୍ଷା ଋତୁ ସମୟରେ ଯାତାୟାତରେ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଉକ୍ତ ରାସ୍ତା କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ କରାଯିବା ଓ ଧସିଥିବା ରାସ୍ତା ତୁରନ୍ତ ମରାମତି କରି ଯାତାୟାତ ଉପଯୋଗୀ କରିବାକୁ ସାଧାରଣରେ ଦାବି ହୋଇଛି। ବିଦ୍ଧାନନ୍ଦିପୁର ସ୍କୁଲ ଓ ପୋଲ ନିକଟରେ ଏହି ରାସ୍ତା ମଝିରୁ ଫାଟି ଦୁଇ ଫାଳ ହୋଇଯାଇଛି। ପ୍ରାୟ ଶହେ ମିଟର ଲମ୍ବାର ରାସ୍ତା ଫାଟି ଦବିଯିବା ସହିତ ରାସ୍ତା ମଝିରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଦେଇ କେବଳ ସାଇକେଲ ଓ ବାଇକ ଛଡ଼ା ଅନ୍ୟ କୌଣସି ବଡ଼ ଗାଡି ଯାତାୟାତ ସମ୍ଭବ ହୋଇପାରୁନାହିଁ। ଏହି ରାସ୍ତା ଉପରେ ନିର୍ଭରଶୀଳ ଚାଉଳିଆ, ଦକ୍ଷିଣବନ୍ଧ, ବଡ଼କୁଆଁଳ, ସାନକୁଆଁଳ, କେନ୍ଦୁଆକୁଳ, କୋଟପୁର ଆଦି ଗ୍ରାମ ସମେତ ବିଞ୍ଝାରପୁର ବ୍ଲକର ବାଙ୍ଗରା, ହଳଦୀ ଓ ଆଉଁରୀ ଆଦି ପଞ୍ଚାୟତର ଜନସାଧାରଣଙ୍କ ଗମନା ଗମନ ଓ ସାମଗ୍ରୀ ନେବା ଆଣିବାରେ ଅସୁବିଧା ସୃଷ୍ଟି ହେଉଛି।

ଗତ ଦୁଇ ଦିନ ତଳେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ପକ୍ଷରୁ ରାସ୍ତାର ଡାହାଣ ପାର୍ଶ୍ୱରେ ରିଟେର୍ନିଂ ୱାଲ ନିର୍ମାଣ ନିମନ୍ତେ ପ୍ରାୟ ୧୦ ଫୁଟ ଗଭୀର ଓ ଶହେ ଫୁଟ ଲମ୍ବର ଗାତ ଖୋଳି କୌଣସି କାମ ନ କରି ଛାଡ଼ି ଦିଆଯାଇଥିଲା। ଫଳରେ ରାସ୍ତା ପାର୍ଶ୍ୱରେ କୌଣସି ସହାୟକ କାର୍ଯ୍ୟ ହୋଇପାରିନାହିଁ। ଉକ୍ତ ସମୟ ମଧ୍ୟରେ ବହୁ ସଂଖ୍ୟାରେ ଭାରି ଯାନ ଏହି ରାସ୍ତାରେ ଯିବା ଦ୍ୱାରା ରାସ୍ତାରେ ଫାଟ ସୃଷ୍ଟି ହେବା ସହିତ ରାସ୍ତା ଡାହାଣ ପାର୍ଶ୍ୱକୁ ଧସିବାକୁ ଲାଗିଛି।

ଗ୍ରାମ୍ୟ ରାସ୍ତାକୁ ସୁଦୃଢ଼ ପକ୍କା ଏବଂ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣୀତ ଏମ୍ଏମ୍‌ଜିଏସ୍‌ୱାଇ କେତେକ ବିଭାଗୀୟ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଅସାଧୁମେଣ୍ଟ ଯୋଗୁ ଏହାର ସୁଫଳ ମାତ୍ର ୬ ମାସରୁ ୧ ବର୍ଷ ମଧ୍ୟରେ ମିଳାଇ ଯାଉଥିବା ଦେଖିବାକୁ ମିଳୁଛି। ରାସ୍ତାର ମାନ ଅଟକଳ ଅନୁଯାୟୀ ନ ହୋଇ ଠିକାଦାରଙ୍କ ମର୍ଜିରେ ହେବା ଯୋଗୁ ରାସ୍ତା କାର୍ଯ୍ୟ ଶେଷ ହେବାର ଅଳ୍ପ ଦିନ ମଧ୍ୟରେ କେଉଁଠି ଫାଟି ଆଁ କଲାଣି ତ କେଉଁଠି ଦବି ବିରାଟ ଗର୍ତ୍ତ ସୃଷ୍ଟି ହେଲାଣି। ଏହି ଯୋଜନାରେ ୫ବର୍ଷ ପାଇଁ ରାସ୍ତାର ଖରାପ ସ୍ଥାନଗୁଡ଼ିକୁ ମରାମତି କରିବା ଦାୟିତ୍ୱ ଠିକାଦାରଙ୍କ ଉପରେ ନ୍ୟସ୍ତ ଥିଲେ ମଧ୍ୟ ସଂପୃକ୍ତ ଠିକାଦାର ବିଭାଗୀୟ କର୍ମଚାରୀଙ୍କୁ ହାତବାରିସି କରି ଯେନତେନ ପ୍ରକାରେ ମରାମତି କରୁଛନ୍ତି। ଏଭଳି ଏକ ଦୁର୍ନୀତିର ପୁଣି ପର୍ଦ୍ଦାଫାଶ ହୋଇଛି ଉପରୋକ୍ତ ମଙ୍ଗଳପୁର ରାସ୍ତା ପ୍ରକଳ୍ପରେ। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ନିର୍ମାଣାଧୀନ ଉକ୍ତ ରାସ୍ତାକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଛି। ଖୁବଶୀଘ୍ର ଏହାର ମରାମତି କରାଯାଇ ଗମନାଗମନ ଉପଯୋଗୀ କରାଯିବ।

# ଗରା, ବାଲ୍‌ଟି ଧରି ପଞ୍ଚାୟତ ଅଫିସ ସମ୍ମୁଖରେ ଗଣଧାରଣା

## ଅହମ୍ମଦପୁର ଗାଁରେ ପାନୀୟ ଜଳ ସମସ୍ୟା

ରାଜକନିକା, ୨୩।୪ (ସଞ୍ଜୟ କୁମାର ଦାଶ)


ଗରା, ବାଲ୍‌ଟି ଧରି ପଞ୍ଚାୟତ ଅଫିସ ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଧୀନ ପଶ୍ଚିମ କନିକାର ଅବଦଲପୁର ପଞ୍ଚାୟତ ଅହମ୍ମଦପୁର ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଉକ୍ତ ସମସ୍ୟାକୁ ନେଇ ଅହମ୍ମଦପୁର ଗାଁର ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ପ୍ରତିବର୍ଷ ଗ୍ରୀଷ୍ମ ଆସିଲେ ଗ୍ରାମବାସୀ ପାନୀୟ ଜଳ ପାଇଁ ଡହଳବିକଳ ହୋଇଥାନ୍ତି। ଚଳିତବର୍ଷ ମଧ୍ୟ ସମାନ ସ୍ଥିତି ଉପୁଜିଛି। ଏହି ନିଦାଘ ଗ୍ରୀଷ୍ମରେ ଗାଁର ୧୫୦ରୁ ଊର୍ଦ୍ଧ୍ୱ ପରିବାର ପାଣି ପାଇଁ ହଟହଟା ହେଉଛନ୍ତି। ବସୁଧା ଯୋଜନାରେ ପଞ୍ଚାୟତରେ ଦୁଇଟି ପ୍ରକଳ୍ପ ଅଛି, ହେଲେ ସେଥିରୁ ଅହମ୍ମଦପୁର ଗାଁ ବାଦ୍ ପଡ଼ିଛି। ଗାଁରେ ଗୋଟିଏ ନଳକୂପ ଅଛି। ହେଲେ ସେଥିରେ ଆବଶ୍ୟକ ପୂରଣ କଲାଭଳି ପାଣି ଆସୁନି। ପାଣି ପାଇଁ ସେମାନଙ୍କୁ ଅବଦଲପୁର ଯିବାକୁ ପଡୁଛି। ଏନେଇ ଗ୍ରାମବାସୀ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଜଣାଇଲେ ମଧ୍ୟ ପାନୀୟ ଜଳ ସମସ୍ୟାର ସମାଧାନ ହେଉନାହିଁ। ଶେଷରେ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ଧାରଣାରେ ବସିଛନ୍ତି। ପାଣି ସମସ୍ୟାର ତତ୍କାଳ ସମାଧାନ ନ ହେଲେ ସେମାନେ ଗରା, ବାଲ୍‌ଟି ଧରି କନିକା ବ୍ଲକ ସାମ୍ନାରେ ଧାରଣା ଦେବେ ବୋଲି ଗାଁର ବାସନ୍ତୀଲତା ଦାସ, ତପସ୍ୱିନୀ ମଲ୍ଲିକ, କଳ୍ପନା ମଲ୍ଲିକ, ମମତା ମଲ୍ଲିକ, ଅହଲ୍ୟା ମଲ୍ଲିକ, ସୁଚିତ୍ରା ଦାସ, କୁନିଲତା ମଲ୍ଲିକ, ଛବି ଦାସ, ମଞ୍ଜୁଲତା ଦାସ, ବାସନ୍ତୀ ଦାସ, ଉଜାଲା ନାୟକ, ତାରି ଦାସ ପ୍ରମୁଖ କହିଛନ୍ତି। ଏନେଇ ବିଡିଓ କୈଳାସ ଚନ୍ଦ୍ର ମହାଲିକଙ୍କୁ ପଚାରିବାରୁ ଅହମ୍ମଦପୁର, ଅବଦଲପୁର, ଦୁର୍ଗାଦେଇପଡ଼ା ଓ ଅହମ୍ମଦପୁରଠାରୁ କଲେଜ ରାସ୍ତାରେ ଥିବା ନଳକୂପଗୁଡ଼ିକ ଖରାପ ଥିବା ଜାଣି ମରାମତି କରିବାକୁ ଟିମ୍ ପଠାଯାଇଛି। ଖୁବ୍‌ଶୀଘ୍ର ସେଠାକାର ଗ୍ରାମବାସୀ ପାନୀୟ ଜଳ ପାଇବେ। ବାକି ଗାଁଗୁଡ଼ିକୁ ପାଇପ୍ ଲାଇନ୍ ସଂଯୋଗ କରାଯାଇ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଯୁବକଙ୍କ ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ

ଡେରାବିଶ, ୨୩।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଭାଟବାଗ ଗ୍ରାମରେ ଗୁରୁବାର ଅଂଶୁଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମୃତକ ଗ୍ରାମର ଶିବ ପ୍ରସାଦ ଦାସ(୨୫)। ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗ ଅନୁଯାଇ ଶିବ ଅପରାହ୍ନ ପ୍ରାୟ ୨ଟାରେ ରାଶନ ସାମଗ୍ରୀ ଆଣିବାକୁ ସ୍ଥାନୀୟ ଡିଲରଙ୍କ ପାଖରୁ ଯାଇଥିଲେ। ଯିବା ବାଟରେ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛମୂଳରେ ସେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ପଚାରିବାରୁ ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତ୍ୟୁ ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି।

# ଅନ୍ୟତ୍ର ନିର୍ବନ୍ଧ ହେବାରୁ ହତ୍ୟା କରିଥିଲେ ପୂର୍ବତନ ପ୍ରେମିକ

ଜଗତ୍‌ସିଂହପୁର, ୨୩।୪ (ପ୍ରମୋଦ କୁମାର ନାୟକ)

## କାଠିଆପଡ଼ା ଗ୍ରାମ ଯୁବତୀଙ୍କୁ ହତ୍ୟା ମାମଲାର ପର୍ଦ୍ଦାଫାଶ

- ଜାମସେଦପୁରରୁ ଅଭିଯୁକ୍ତ ଗିରଫ, ସୁପାରିକିଲର ଫେରାର
- ଅଭିଯୁକ୍ତମାନେ ଜଗତ୍‌ସିଂହପୁରର ଏକ ଲଜ୍‌ରେ ରହିଥିଲେ


ସସ୍ମିତା ଦାସ ଓରଫ ଡଲି

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମର ପ୍ରମୋଦ ଦାସଙ୍କ ଝିଅ ସସ୍ମିତା ଦାସ ଓରଫ ଡଲିଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଡଲିଙ୍କ ନିର୍ବନ୍ଧ ଅନ୍ୟତ୍ର ହେବାରୁ ପୂର୍ବତନ ପ୍ରେମିକ ସୁପାରିକିଲର ସହାୟତାରେ ତାଙ୍କୁ ହତ୍ୟା କରିଛନ୍ତି। ଏହି ଘଟଣାରେ ଡଲିଙ୍କ ପ୍ରେମିକ କୁହାଯାଉଥିବା ଏହି ଥାନା ଅନ୍ତର୍ଗତ କୂଳ ମୁଣ୍ଡିଲୋ ଗ୍ରାମର ସୂର୍ଯ୍ୟକାନ୍ତ ସ୍ୱାଇଁ ଓରଫ ପୁପୁ (୩୦)ଙ୍କୁ ପୋଲିସ ଝାଡ଼ଖଣ୍ଡର ଜାମସେଦପୁରରୁ ଗିରଫ କରିବାକୁ ସକ୍ଷମ ହୋଇଛି। କିନ୍ତୁ ଅନ୍ୟତମ ଅଭିଯୁକ୍ତ ତଥା ସୁପାରିକିଲର ଫେରାର ଅଛନ୍ତି। ଗିରଫ ପରେ ପୁପୁଙ୍କଠାରୁ ଏକ ଲୁହା ଚାପଡ଼ ଓ ମୋବାଇଲ ଜବତ କରାଯାଇଛି। ଖୁବ୍‌ଶୀଘ୍ର ସୁପାରିକିଲରଙ୍କୁ ଗିରଫ କରାଯିବ ବୋଲି ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଙ୍କିତ ବର୍ମା, ଏସ୍‌ଡିପିଓ ରଶ୍ମି ରଞ୍ଜନ ଦାସ, ଜଗତ୍‌ସିଂହପୁର ଆଇଆଇସି ସୁଶାନ୍ତ ସାହୁ ଓ ଅତିରିକ୍ତ ଆଇଆଇସି ମହମ୍ମଦ ସୂରଜ ସୂଚନା ଦେଇଛନ୍ତି।

ଏସ୍‌ପି ବର୍ମା କହିଛନ୍ତି, ୨୦ ତାରିଖ ସନ୍ଧ୍ୟାରୁ ଡଲି ନିଖୋଜ ଥିଲେ। ଏନେଇ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରଦିନ ଘରଠାରୁ ମାତ୍ର ୨୦୦ ମିଟର ଦୂର ପାକନପୁର ୱେର ହାଉସ ନିକଟ ୫୫ ନଂ. ଜାତୀୟ ରାଜପଥ ପାର୍ଶ୍ୱର ଏକ ବିଲରୁ ଡଲିଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରାଯାଇଥିଲା। ଏହାପରେ ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଫୋରେନ୍ସିକ ଦଳ ଏବଂ ସନ୍ଧାନୀ କୁକୁର ସହାୟତାରେ ମୃତଦେହ ନିକଟରେ ପହଞ୍ଚି ତଦନ୍ତ କରିଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ଓ ବୈଷୟିକ ସମୀକ୍ଷା ବଳରେ ପୁପୁ ଓ ଅନ୍ୟମାନେ ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଏହାପରେ ଅଭିଯୁକ୍ତଙ୍କ ଲୋକେଶନ୍ ଚିହ୍ନଟ ପରେ ପୋଲିସ ଦଳ ଜାମସେଦପୁରରୁ ପୁପୁଙ୍କୁ କାବୁ କରିବାକୁ ସମର୍ଥ ହୋଇଛି। ଗିରଫ ପରେ ଅଭିଯୁକ୍ତ ଅପରାଧ କରିଥିବା ସ୍ୱୀକାର କରିଛନ୍ତି।

ତଦନ୍ତରୁ ଜଣାଯାଇଛି, ପୁପୁ ଜଣେ ବିବାହିତ ପୁରୁଷ। ସେ ୨୦୧୩ରେ ବିବାହ କରିଥିବା ବେଳେ ସହ ତାଙ୍କର ଏକ ପୁତ୍ର ସନ୍ତାନ ରହିଛି। ପୁପୁ ତାଙ୍କ ପରିବାର ସହ ଜାମସେଦପୁରରେ ରହିବା ସହ ଘରେ ଅଟୋ ପାର୍ଟସ୍ ବ୍ୟବସାୟ କରନ୍ତି। ତାଙ୍କର ପାରାଦୀପ ଓ ଅସ୍ତରଙ୍ଗରେ ମାଛଧରା ବୋଟ୍ ରହିଥିବାରୁ କ୍ରମାଗତ ଭାବେ ସେ ଜଗତ୍‌ସିଂହପୁର ଯିବାଆସିବା କରୁଥିଲେ। ୨୦୧୬ରେ ପୁପୁ ତାଙ୍କ ବନ୍ଧୁ ମାଧ୍ୟମରେ ଡଲିଙ୍କ ସମ୍ପର୍କରେ ଆସିଥିଲେ। ଏହାପରେ ଉଭୟ କ୍ରମାଗତ ଭାବେ ଫୋନ ଓ ବ୍ୟକ୍ତିଗତ ଦେଖାରେ ପରସ୍ପରର ନିକଟତର ହୋଇଥିଲେ। ମାତ୍ର ଯେତେବେଳେ ଡଲି ଜାଣିଥିଲେ ପୁପୁ ବିବାହିତ ତା'ପରେ ସେ ଦୂରେଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅଭିଯୁକ୍ତ ତାଙ୍କୁ ସ୍ତ୍ରୀ ଭାବେ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ୨୦୨୦ରେ ୧୨ ଲକ୍ଷ ଟଙ୍କାରେ ତାଙ୍କ ଘର ପାଖ ରାସ୍ତା ପାର୍ଶ୍ୱରେ ୪ ଗୁଣ୍ଠ ଘରବାଡ଼ି ଜମି ସସ୍ମିତାଙ୍କ ନାମରେ କିଣିଥିଲେ। ତା' ପୂର୍ବରୁ ଅର୍ଥାତ୍ ୨୦୧୭ରେ ଅଭିଯୁକ୍ତ ଜାମସେଦପୁରରେ ୧୦ ଲକ୍ଷ ଟଙ୍କାରେ ସସ୍ମିତାଙ୍କ ନାମରେ ଏଲ୍‌ଆଇସି ବଣ୍ଡ କିଣିଥିଲେ। କିନ୍ତୁ ଯେତେବେଳେ ଅଭିଯୁକ୍ତ ଜାଣିବାକୁ ପାଇଥିଲେ ଅନ୍ୟ ଜଣେ ପୁରୁଷ ସହ ଡଲିଙ୍କ ପ୍ରେମ ସମ୍ପର୍କ ଅଛି ସେତେବେଳେ ଉଭୟଙ୍କ ମଧ୍ୟରେ ବିବାଦ ମୁଣ୍ଡ ଟେକିଥିଲା। ଏନେଇ ୨୦୨୪ ଡିସେମ୍ବର ୯ରେ ଡଲି ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିବାରୁ ମାମଲା (ନଂ.୧୨୪୩/୨୪) ରୁଜୁ ହୋଇଥିଲା। ଏହି ମାମଲାରେ ପୋଲିସ ୨୦୨୪ ଡିସେମ୍ବର ୧୨ରେ ପୁପୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ବୁଝାମଣା ହେବାରୁ ଅଭିଯୁକ୍ତ ଜାମିନରେ ଘରକୁ ଫେରିଥିଲେ। ଏହାପରେ କ୍ରୋଧରେ ପୁପୁ ଜମିର ମାଲିକାନା ତାଙ୍କ ସମ୍ପର୍କୀୟଙ୍କ ନାମରେ କରିବା ସହ ଡଲିଙ୍କ ସହ ସମ୍ପର୍କ ଛିନ୍ନ କରିଥିଲେ। ୨୦୨୫ରେ ଡଲି ଏକ ସିଲେଇ କମ୍ପାନୀରେ କାମ କରିବାକୁ ବେଙ୍ଗାଲୁରୁ ଯାଇଥିଲେ। ସେହି ବର୍ଷ ଅକ୍ଟୋବରରେ ଡଲି ଫେରିଲା ପରେ ଅଭିଯୁକ୍ତ ପୁପୁ ତାଙ୍କ ସହ ପୁଣି ଯୋଗାଯୋଗ କରିଥିଲେ। କିନ୍ତୁ ଡଲି ଭଦ୍ରକ ଜିଲାର ଅନ୍ୟ ଜଣଙ୍କ ସହ ପ୍ରେମ ସମ୍ପର୍କରେ ଥିବା ଏବଂ ସେମାନେ ବିବାହ କରିବାକୁ ଯାଉଥିବା ସୂଚନା ଦେଇଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ପୁପୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିଲେ। ସୁପାରିକିଲରଙ୍କୁ ୨ ଲକ୍ଷ ଟଙ୍କା ଦେବା ପାଇଁ ଡିଲ୍ କରି ଅଗ୍ରିମ ୨୦ ହଜାର ଟଙ୍କା ଦେଇଥିଲେ। ହତ୍ୟାକାଣ୍ଡ ପରେ ଅବଶିଷ୍ଟ ରାଶି ଦିଆଯିବ ବୋଲି ସର୍ତ୍ତ ରଖିଥିଲେ। ଯୋଜନା ମୁତାବକ, ସେମାନେ ଚଳିତ ମାସ ୧୮ ତାରିଖରେ ଏକ ହୋଣ୍ଡା ଆକ୍ଟିଭା ଗାଡ଼ିରେ ଜଗତ୍‌ସିଂହପୁର ଆସିଥିଲେ। ଜଗତ୍‌ସିଂହପୁର ଆଳିପିଙ୍ଗଳ ରାସ୍ତାର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଏକ ଲଜ୍‌ରେ ରହିଥିଲେ। ୧୯ ତାରିଖରେ ଧୂଆଁପାରି ଗ୍ରାମସ୍ଥିତ ମାଳତୀ ଦେବ ଶିବ ମନ୍ଦିରରେ ଡଲିଙ୍କ ବିବାହ (ମେ ୧୦) ପାଇଁ ନିର୍ବନ୍ଧ ଥିଲା, ତେଣୁ ଏହି ଉତ୍ସବରେ ଯୋଗଦେବାକୁ ଅଭିଯୁକ୍ତ ପୁପୁ ଯାଇଥିଲେ। ତା'ପରେ ସେଠାରୁ ଉକ୍ତ ଲଜ୍‌କୁ ଫେରିଥିଲେ। ଡଲି ଧୂଆଁପାରିସ୍ଥିତ ତାଙ୍କ ମାଉସୀ ଘରେ ରହିଥିଲେ। ୨୦ରେ ଡଲିଙ୍କ ପାଖରେ ପୁପୁ ପହଞ୍ଚି ସ୍କୁଟିରେ ତାଙ୍କ ଘରକୁ ନେଇ ଯାଇଥିଲେ। ବାଟରେ ଏହି ବାହାଘର ବନ୍ଦ କରିବା ପାଇଁ ଅଭିଯୁକ୍ତ ପୁପୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଡଲି ମନା କରିବାରୁ ଅଭିଯୁକ୍ତଙ୍କ କ୍ରୋଧ ବଢ଼ି ଯାଇଥିଲା। ଏଥିସହ ହତ୍ୟା ଯୋଜନା ପ୍ରସ୍ତୁତ କରିଥିଲେ। ଏନେଇ ପୁପୁ ଏକ ଲୁହା ଚାପଡ଼ କିଣିବା ସହ ଡଲିଙ୍କୁ କେଉଁ ସ୍ଥାନରେ ହତ୍ୟା କରିବେ ସ୍ଥାନ ଚିହ୍ନଟ କରିଥିଲେ।

ଯୋଜନା ମୁତାବକ ୨୦ ତାରିଖ ଅପରାହ୍ନରେ ଡଲିଙ୍କ ସହ ଅଭିଯୁକ୍ତ ପୁପୁ ଯୋଗାଯୋଗ କରି ସ୍ଥିରୀକୃତ ନିରୋଳା ସ୍ଥାନରେ ଶେଷ ଥର ଦେଖାକରି ଜାମସେଦପୁର ଫେରିଯିବାକୁ ଚାହିଁଥିଲେ। ଏଥିସହ ବିବାହ ପାଇଁ ଏଲ୍‌ଆଇସି ବଣ୍ଡ ବାବଦ ଟଙ୍କା ମଧ୍ୟ ଦେଇଯିବେ ବୋଲି ପୁପୁ କହିଥିଲେ। ଏହାପରେ ଡଲି ରାତି ପ୍ରାୟ ୭ଟା ୨୫ରେ ଉକ୍ତ ସ୍ଥାନରେ ପହଞ୍ଚି ପୁପୁଙ୍କୁ ଦେଖା କରିଥିଲେ। ଅନ୍ଧାରରେ ସୁପାରି କିଲର ଲୁଚିକରି ରହିଥିଲେ। ଯେତେବେଳେ ଡଲିଙ୍କ ସହ ପୁପୁ କଥା ହେଉଥିଲେ ସେତେବେଳେ ସୁପାରିକିଲର ପଛପଟୁ ଆସି ଡଲିଙ୍କ ଦକ୍ଷିଣ ହାତ ଓ ବେକକୁ ଉକ୍ତ ଲୁହା ଚାପଡ଼ରେ ଆକ୍ରମଣ କରିଥିଲେ। ଡଲି ତଳେ ପଡ଼ିଯିବାରୁ କାଳେ ବଞ୍ଚିଥିବା ଭାବି ପୁପୁ ପୁଣି ତାଙ୍କ ବେକ ଓ ମୁହଁକୁ କ୍ରମାଗତ ଆକ୍ରମଣ କରିଥିଲେ। ମୃତ୍ୟୁ ନିଶ୍ଚିତ ହେବାପରେ ସେମାନେ ଡଲିଙ୍କ ମୋବାଇଲ ନେଇ ସେଠାରୁ ଚାଲିଯାଇଥିଲେ ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଉମରଅଲ୍ଲା


@ ଅମାନତ


@ ସୋମନାଥ


@ ଜ୍ଞାନରଞ୍ଜନ


@ ବାପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚିଙ୍ଗୁଡ଼ି ଘେରିରୁ ହରିଣ ଉଦ୍ଧାର

ରାଜନଗର, ୨୩।୪ (ଭାସ୍କର ରାଉତରାୟ)


ଚିଙ୍ଗୁଡି ଘେରିରୁ ଉଦ୍ଧାର ହରିଣ।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବାଘମାରି ଗାଁର ଏକ ଚିଙ୍ଗୁଡି ଘେରିରୁ ଗୁରୁବାର ଏକ ହରିଣ ଉଦ୍ଧାର କରାଯାଇଛି। ସକାଳେ ଗାଁର ନନ୍ଦ ଗୁଡିଆଙ୍କ ଚିଙ୍ଗୁଡି ଘେରିରେ ଏକ ହରିଣ ଥିବା ଦେଖିବାକୁ ମିଳିଥିଲା। ହରିଣଟି ଘେରିକୁ ପାଣି ପିଇବାକୁ ପଶିଯାଇ ଜାଲଘେରାରେ ଫସି ଆଉ ବାହାରକୁ ଆସି ପାରି ନ ଥିବା ଅନୁମାନ କରାଯାଉଛି। ତାଳଚୁଆ ଫରେଷ୍ଟର ପ୍ରକାଶ ଦାସଙ୍କ ନେତୃତ୍ୱରେ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହରିଣକୁ ଧରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଭୟରେ ହରିଣ ଘେରି ମଧ୍ୟରେ ଥିବା ପୋଖରୀ ମଧ୍ୟକୁ ପଳାଇଥିଲା। ବନ କର୍ମଚାରୀମାନେ ପୋଖରୀରେ ପଶି ହରିଣକୁ ଉଦ୍ଧାର କରିଥିଲେ। ପରେ ତାକୁ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଛାଡି ଦିଆଯାଇଥିଲା। ବାଘମାରି ଠାରୁ ୧ କିଲୋମିଟର ଦୂରରେ ଥିବା ଜଙ୍ଗଲରୁ ହରିଣ ପାଣି ଅନ୍ୱେଷଣରେ ଚାଲି ଆସିଥିବା କୁହାଯାଉଛି।

# ଆର୍ଥିକ ବର୍ଷର ବଜେଟ ଦେୟ ଖର୍ଚ୍ଚ ହୋଇପାରି ନ ଥିବାରୁ ଉଦ୍‌ବେଗ

## 'ଆମେ ଜାଣିବା ଆମ ବଜେଟ' ଜିଲାସ୍ତରୀୟ କର୍ମଶାଳା

ନୟାଗଡ଼,୨୩।୪(ଲୋକନାଥ ମିଶ୍ର)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ।

ନୟାଗଡ଼ ଜିଲା ପରିଷଦ ସମିଳନୀ କକ୍ଷ ସୃଜନ ସଭାଗୃହରେ ଗୁରୁବାର ଆମେ ଜାଣିବା ଆମ ବଜେଟ ଉପରେ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସରକାରୀ ବଜେଟ ଏବଂ ଏହାର ପ୍ରକ୍ରିୟା ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷ ବଜେଟର ଜଳ ଯୋଗାଣ ଓ ପରିମଳ, ଗ୍ରାମୀଣ ବିକାଶ, ଶକ୍ତି, ସହରୀ ବିକାଶ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, ସାମାଜିକ କଲ୍ୟାଣ ଓ ପୁଷ୍ଟିକର, କୃଷି ଓ ଆନୁଷଙ୍ଗିକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପୋଲିସ ବିଭାଗରେ ଅନୁଦାନ ରାଶି ଖର୍ଚ୍ଚ ହୋଇପାରି ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଆଗାମୀ ଦିନରେ ଆଉ ଏକ ସ୍ୱତନ୍ତ୍ର ବୈଠକରେ ଏହି ଅର୍ଥକୁ ବ୍ୟବହାର କରିବାକୁ ଆଲୋଚନା କରାଯିବ ବୋଲି ସେ କହିଥିଲେ।

ଅନ୍ୟପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ବଜେଟରେ ଜିଲା ପାଇଁ କେଉଁ କେଉଁ ବିଭାଗ ପାଇଁ କେତେ ଆର୍ଟ ମଞ୍ଜୁର ହୋଇଥିଲା, କେତେ ଖର୍ଚ୍ଚ ହୋଇଛି, ସେନେଇ ତଥ୍ୟ ଦିଆଯାଇ ନ ଥିଲା। କାର୍ଯ୍ୟକ୍ରମରେ ବିଧାୟକ ଖଣ୍ଡପଡ଼ା ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପ-ଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲା ପଞ୍ଚାୟତ ଅଧିକାରୀ ଝାଡ଼େଶ୍ୱର ଦାସ ଏବଂ ବିଶେଷଜ୍ଞ ଭାବେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ଆଶୁତୋଷ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳା ପ୍ରାରମ୍ଭରେ ଜିଲା ପଞ୍ଚାୟତ ଅଧିକାରୀ ପ୍ରାରମ୍ଭିକ ଭାଷଣ ରଖିଥିଲେ। ଅଧ୍ୟାପକ ଆଶୁତୋଷ ମିଶ୍ର ୨୦୨୬-୨୭ରେ ବଜେଟ ଉପରେ ପ୍ରକାଶିତ ସମସ୍ତ ତଥ୍ୟକୁ ଉପସ୍ଥାପନା କରିଥିଲେ। ଓଡ଼ିଶା ପାଇଁ କେନ୍ଦ୍ରୀୟ ବଜେଟରେ ରେଲ୍‌ୱେ ପ୍ରୋଜେକ୍ଟ ଲାଗି ୧୦,୯୨୮ କୋଟି ଟଙ୍କା ଆବଣ୍ଟନ ହୋଇଛି, ଯାହା ଓଡ଼ିଶା ରାଜ୍ୟର ଭିତ୍ତିଭୂମି ଏବଂ ଶିଳ୍ପର ଅଭିବୃଦ୍ଧି ଦିଗରେ ସହାୟକ ହେବ। ବାର୍ଷିକ ବଜେଟ ୨୦୨୬-୨୭ର କେନ୍ଦ୍ରବିନ୍ଦୁ ହେଉଛି ଗରିବ, ଯୁବ, ଅନ୍ନଦାତା ଏବଂ ନାରୀଶକ୍ତି। ଏହି ବଜେଟ ବିକଶିତ ଓଡ଼ିଶା ପାଇଁ ଭିଜନ-୨୦୩୬ ଏବଂ ୨୦୪୭କୁ ସାକାର କରିବା ଦିଗରେ ଏକ ଦୃଢ଼ ଏବଂ ସଂକଳ୍ପବଦ୍ଧ ପଦକ୍ଷେପ ତ। ବଜେଟ ପୂର୍ବ-ପଶ୍ଚିମ ମାଲବାହୀ କରିଡର ଲଜିଷ୍ଟିକ୍ ବ୍ୟବସ୍ଥାକୁ ସୁଧାରିବ ଏବଂ ଶିଳ୍ପ କ୍ଲଷ୍ଟରକୁ ପ୍ରମୁଖ ବଜାର ସହ ଯୋଡ଼ିବ। ଜାତୀୟ ଜଳପଥ-୫ର ବିକାଶ ତାଳଚେର, ଅନୁଗୋଳ, ପାରାଦୀପ ଏବଂ ଧାମରା ମଧ୍ୟରେ ଆନ୍ତରିକ ଜଳ ପରିବହନକୁ ସୁଦୃଢ଼ କରିବ ଏବଂ ବନ୍ଦର ଆଧାରିତ ଉନ୍ନତିକୁ ସମର୍ଥନ କରିବ। ଗରିବମାନଙ୍କ ପାଇଁ ମଧୁବାବୁ ପେନ୍‌ସନ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା, ଆଦିବାସୀମାନଙ୍କ ପାଇଁ ଧରିତ୍ରୀ ଆମ ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ଜନ ଆଶ୍ରୟ ଭବନ, ଅନ୍ତ୍ୟୋଦୟ ଗୃହ ଯୋଜନା, ବସୁଧା ଯୋଜନା ଆଦି ଏହି ବଜେଟରେ ସାମିଲ କରାଯାଇଛି। ସେହିପରି ଯୁବବର୍ଗଙ୍କ ପାଇଁ ଖେଳ, ଶିକ୍ଷା ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ମଡେଲ ସ୍କୁଲ ପ୍ରୋଗ୍ରାମ, ଭିବି-ଜି-ରାମ-ଜି ଯୋଜନା, ଡାଲଖାଇ ସ୍କିମ୍ ଆଦି ଯୋଜନା ଏହି ବଜେଟରେ ସାମିଲ କରାଯାଇଛି। ଅନ୍ନଦାତାଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନା, ସିଏମ୍ କିଷାନ ଯୋଜନା, ଶ୍ରୀ ଅନ୍ନ ଅଭିଯାନ ଆଦି ଯୋଜନା ଏହି ବଜେଟରେ ଅନ୍ତର୍ଭୁକ୍ତ କରାଯାଇଛି।

ସେହିପରି ନାରୀମାନଙ୍କ ପାଇଁ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ପରି ଅନେକ ଯୋଜନା ସାମିଲ କରାଯାଇଛି। ବିଶେଷ କରି ନୟାଗଡ଼ ଜିଲା ପାଇଁ ଏକ ଓଡ଼ିଶା ଫାର୍ମା ପାର୍କ ଓ ହୋମିଓପାଥି ମେଡିକାଲ କଲେଜ ସ୍ଥାପନା ଲାଗି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଖଣ୍ଡପଡ଼ା ବିଧାୟକ କର୍ମଶାଳାରେ ଉଦ୍‌ବୋଧନ ଦେଇ କହିଲେ, ଆମେ ବଜେଟ ବିଷୟରେ ଜାଣିବା ଦରକାର। ସମସ୍ତ ବିଭାଗୀୟ ଅଧିକାରୀମାନେ ଜାଣିଲେ ଜିଲାପାଳଙ୍କୁ ପ୍ରସ୍ତାବ ଦେଇପାରିବେ। ଜିଲା ପରିଷଦ ଅଧ୍ୟକ୍ଷ କହିଲେ, ଯେଉଁ ରାଜ୍ୟର ବିତ୍ତୀୟ ଶୃଙ୍ଖଳା ଯେତେ ଭଲ, ସେ ଦେଶ ସେତିକି ଉନ୍ନତ। ଆଗରୁ କିଛି କିଛି ଲୋକ ଟ୍ୟାକ୍ସ ଦେଉଥିଲେ, ଏବେ ସମସ୍ତେ ଟିକସଦାତା ଅଟନ୍ତି। ସରକାରଙ୍କ ୩ ଲକ୍ଷ ୧୦ ହଜାର କୋଟିର ବଜେଟ ଏକ ବଡ଼ ବଜେଟ। ଜିଲାପାଳ ମଧ୍ୟ ଏହି କର୍ମଶାଳାର ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସେହିପରି ଉପ-ଜିଲାପାଳ ବଜେଟର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ।

# ମାଧପୁରରେ ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଖଣ୍ଡପଡ଼ା,୨୩।୪(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଭାପୁର ବ୍ଲକ ପଥରଚକଡ଼ା ପଞ୍ଚାୟତ ଅନ୍ତର୍ଗତ ମହାନଦୀ ତଟରେ ଅବସ୍ଥିତ ମାଧପୁର ଯଜ୍ଞପଦା(କୁଲାବ ଗାଦୀ) ରାମାଶ୍ରମ ପୀଠରେ ବୁଧବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ୩ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ମାଧପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେହ ପୂର୍ବାହ୍ନ ୬ଟାରେ ସୂର୍ଯ୍ୟ ପୂଜା, ୭ଟାରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ୭ଟାରୁ ପୂର୍ବାହ୍ନ ୯ଟା ମଧ୍ୟରେ ରୁଦ୍ରାଭିଷେକ, ପୂର୍ବାହ୍ନ ୯ଟାରୁ ଶାଳା ମଣ୍ଡପ ସଂସ୍କାର, ଆବାହିତ ସେବା ମଣ୍ଡଳୀ ପୂଜନ, ଅଗ୍ନି ସ୍ଥାପନ ଓ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେହ ସନ୍ଧ୍ୟା ଆରତୀ ଓ ସନ୍ଧ୍ୟା ଧୂପ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ବିଶେଷ କରି ବେଣାଗାଡିଆ, ପଦ୍ମାବତୀ, ରାସଙ୍ଗ, ଗଣିଆ ଅଞ୍ଚଳର ଉଦଣ୍ଡ ନୃତ୍ୟ ଉପଭୋଗ କରିବା ନିମନ୍ତେ ହଜାର ହଜାର ଜନସାଧାରଣ ସମାଗମ ହୋଇଥିଲେ। ଉଦ୍‌ଯାପନୀ ଦିବସ ଅବସରରେ ଯଜ୍ଞ ପୂର୍ଣ୍ଣାହୁତି ଦର୍ଶନ ନିମନ୍ତେ ମାଧପୁର ଓ ଏହାର ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯଜ୍ଞ ନାରାୟଣଙ୍କର ଆଶୀର୍ବାଦ କାମନା କରିଥିଲେ। କର୍ତ୍ତା ଭାବେ ପ୍ରମୋଦ ଷଡଙ୍ଗୀ, ପୁରୋହିତ ବିଜୟ ମିଶ୍ର, ଯଜ୍ଞ ପୁରୋହିତ ଭାବେ ଦେବୀ ପ୍ରସାଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ମିଶ୍ର, ରଶ୍ମି ରଞ୍ଜନ ଦାଶ ଓ ଲକ୍ଷ୍ମୀଧର ଷଡଙ୍ଗୀ ପ୍ରମୁଖ ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମବାସୀଙ୍କ ସମେତ ଟ୍ରଷ୍ଟି ସହଯୋଗୀ ମଦନ ମୋହନ ନାୟକ, ତ୍ରିନାଥ ସାହୁ ଓ ବିଦ୍ୟାଧର ସାମଲ ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ବସନ୍ତ ମାଝି ଓ ୧୮ ନଂ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ଧଳ ପ୍ରମୁଖ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।


ବିଶ୍ୱଶାନ୍ତି ମହାଯଜ୍ଞରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

# ନୟାଗଡ଼ ମ୍ୟୁନିସିପାଲିଟିରେ ଗୃହଗଣନା


ଜନଗଣନାରେ ସାମିଲ ହୋଇଥିବା କର୍ମଚାରୀ।

ନୟାଗଡ଼,୨୩।୪(ଲୋକନାଥ ମିଶ୍ର)

ଭାରତ ସରକାରଙ୍କ ପ୍ରଥମ ପର୍ଯ୍ୟାୟ ଜନଗଣନାରେ ଗୃହଗଣନା ଆରମ୍ଭ ହୋଇଛି। ଚଳିତ ମାସ ୧୬ ତାରିଖରୁ ଆରମ୍ଭ ହୋଇଥିବା ଗୃହଗଣନା କାର୍ଯ୍ୟ ମେ' ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ନୟାଗଡ଼ ମ୍ୟୁନିସିପାଲିଟି ଅଞ୍ଚଳ ଅନ୍ତର୍ଗତ ୧୬ ୱାର୍ଡ଼ରେ ଚାଲିଛି ଗୃହଗଣନା କାର୍ଯ୍ୟ। ଗୃହଗଣନା କାର୍ଯ୍ୟ ପାଇଁ ୧୬ ୱାର୍ଡ଼କୁ ୫୮ ଗୃହ ତାଲିକା ବ୍ଲକରେ ବିଭକ୍ତ କରାଯାଇ ୫୮ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗଣନାକାରୀ ଭାବେ ନିୟୋଜିତ କରାଯାଇଛି। ଏହା ସହିତ ୧୮ ଗଣନାକାରୀଙ୍କୁ ରିଜର୍ଭ ରଖାଯାଇଛି। ଗଣନାକାରୀମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୧୧ ଶିକ୍ଷୟିତ୍ରୀ ଶିକ୍ଷକ ସୁପରଭାଇଜର ଭାବେ କାର୍ଯ୍ୟ କରୁଛନ୍ତି। ଏଥର ଜନଗଣନାର ସବୁଠାରୁ ବଡ଼ ବିଶେଷତ୍ୱ ଡିଜିଟାଲ ପଦ୍ଧତିରେ କରାଯିବ। ପ୍ରଥମ ଥର ପାଇଁ କାଗଜ କଲମ ପରିବର୍ତ୍ତେ ମୋବାଇଲ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଉଛି। ଯଦ୍ୱାରା ତଥ୍ୟ ଶୀଘ୍ର ଏବଂ ଠିକ୍ ଭାବେ ଉପଲବ୍ଧ ହୋଇପାରିବ। ପ୍ରଶ୍ନାବଳୀ ଓ ତଥ୍ୟ ସଂଗ୍ରହ ଗଣନାକାରୀମାନେ ଘରକୁ ଘର ବୁଲି ପରିବାର ସଦସ୍ୟଙ୍କ ସଂଖ୍ୟା, ଶିକ୍ଷା, ବୃତ୍ତି, ବାସଗୃହର ସୁବିଧା ଯଥା- ପାନୀୟ ଜଳ, ବିଦ୍ୟୁତ୍, ଶୌଚାଳୟ ଏବଂ ବ୍ୟବହାର କରୁଥିବା ଗାଡ଼ି ବା ଅନ୍ୟାନ୍ୟ ସାମଗ୍ରୀ ବିଷୟରେ ସୂଚନା ନେଉଛନ୍ତି। ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହଗଣନା କାର୍ଯ୍ୟ ଆସନ୍ତା ମାସ ୧୫ ତାରିଖରେ ଶେଷ ହେବାକୁ ଥିବା ବେଳେ ୨୦୨୭ ଫେବୃଆରୀ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା କାର୍ଯ୍ୟ କରାଯିବ।

# ପାନୀୟଜଳ ସମସ୍ୟା ସମାଧାନ ନେଇ ବିଡିଓଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

ଖଣ୍ଡପଡ଼ା,୨୩।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଗୌଡ ବୋଦସା ହରିଜନ ସାହିର ବାସିନ୍ଦା ପାନୀୟଜଳ ମୁନ୍ଦାଏ ସଂଗ୍ରହ ନିମନ୍ତେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁ ଗ୍ରାମରେ ଥିବା ନଳକୂପରୁ ଏବେ ଆଉ ପାଣି ବାହାରୁ ନ ଥିବା ଜଣାପଡ଼ିଛି। ତେବେ ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ନଳକୂପଗୁଡ଼ିକ ଅଚଳ ଅବସ୍ଥାରେ ପଡ଼ିରହିଥିବା ବେଳେ ଗ୍ରାମରେ ଏକ ନୂତନ ନଳକୂପ ଖନନ ସହ ପୁରାତନ କୂପରୁ ତୁରନ୍ତ ପଙ୍କ ଉଦ୍ଧାର ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଗ୍ରାମବାସୀଙ୍କ ତରଫରୁ ଏ ସମ୍ପର୍କିତ ଦାବିପତ୍ର ବିଡିଓ ଅଙ୍କୁର ଅଭିଳାଷଙ୍କୁ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ ପାନୀୟଜଳ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ସେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବେ ବୋଲି ଗ୍ରାମବାସୀଙ୍କୁ ବିଡିଓ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୋମନାଥ


@ ଉମର


@ ଜ୍ଞାନରଞ୍ଜନ


@ ଅମାନତ


@ ବାପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଲେଙ୍କୁଡିପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଆତ୍ମହତ୍ୟା

ନୟାଗଡ଼,୨୩।୪(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଲେଙ୍କୁଡିପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଗୁରୁବାର ଚତୁର୍ଥ ଶ୍ରେଣୀ କର୍ମଚାରୀ ରବୀନ୍ଦ୍ର ଗୁରୁ (୫୦)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଘରେ ପାଟିତୁଣ୍ଡ ହେବା ପରେ ପାରିବାରିକ ଅସନ୍ତୋଷକୁ ନେଇ ଅଫିସକୁ ଆସି ଫ୍ୟାନରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସରପଞ୍ଚଙ୍କ ଅଭିଯୋଗ କ୍ରମେ ନୟାଗଡ଼ ଟାଉନ ଥାନା ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲୁ ରହିଥିବା ଟାଉନ ଥାନା ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ଖଣ୍ଡପଡ଼ାର ପୂର୍ବତନ ଏସ୍‌ଡିପିଓଙ୍କୁ ଗିରଫ, ନିଲମ୍ବନ ଦାବି

ନୟାଗଡ଼, ୨୩।୪(ଲେକାନାଥ ମିଶ୍ର)


ଏସ୍‌ପିଙ୍କୁ ଦେଖା କରି ଫେରୁଛନ୍ତି ବିଜେଡି ନେତା।

### ଏସ୍‌ପିଙ୍କୁ ଫେରାଦ ହେଲା ଜିଲା ବିଜେଡି

ଖଣ୍ଡପଡାର ପୂର୍ବତନ ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କୁ ଗିରଫ ଓ ନିଲମ୍ବନ ଦାବିରେ ଗୁରୁବାର ନୟାଗଡ଼ ଏସ୍‌ପି ଏସ. ସୁଶ୍ରୀଙ୍କୁ ଜିଲା ବିଜେଡି ପକ୍ଷରୁ ଫେରାଦ ହୋଇଛନ୍ତି। ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କ ନେତୃତ୍ୱରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟନାୟକ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁ ପ୍ରଧାନଙ୍କ ସମେତ ଛାମୁଆ ବିଜେଡି ନେତାମାନେ ଆସି ଭେଟିଥିଲେ। ଖୁବ ଶୀଘ୍ର ପୋଲିସ ପ୍ରଶାସନ ପଦକ୍ଷେପ ନ ନିଏ ତେବେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାହେବ ବୋଲି କହିଛନ୍ତି।

ପ୍ରକାଶ ଥାଉକି ଖଣ୍ଡପଡ଼ାର ପୂର୍ବତନ ଏସ୍‌ଡିପିଓଙ୍କ ନାଁରେ ଯୌନ ନିର୍ଯାତନା ଓ ଧମକ ଅଭିଯୋଗ ଆସିଥିଲା। ଏନେଇ ଫତେଗଡ଼ ଥାନା ଅଞ୍ଚଳର ଜଣେ ମହିଳା ଭୁବନେଶ୍ୱର ଡିଜିପିଙ୍କ କ୍ୟାମ୍ପ ଅଫିସ ଆସି ଅଭିଯୋଗ କରିଥିଲେ। ଏସ୍‌ଡିପିଓ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିବା ଏକ ଅଡିଓ କ୍ଲିପ ମଧ୍ୟ ମହିଳା ପ୍ରଦାନ କରିଥିଲେ। ଉକ୍ତ ଅଡିଓରେ ଏସ୍‌ଡିପିଓ ଅଟୋରେ ଆସି ରାତିରେ ରହିବାକୁ କହୁଥିବା ଏବଂ ଶାରୀରିକ ସମ୍ପର୍କ ରଖିଲେ କିଛି ଅସୁବିଧା ହେବ କି ବୋଲି ପ୍ରଶ୍ନ କରୁଥିବା ଶୁଣିବାକୁ ମିଳିଥିଲା। ଡିଜିପି ୱାଇ. ବି. ଖୁରାନିଆ ଅଭିଯୋଗକୁ ଗ୍ରହଣ କରିବା ସହ ଘଟଣାର ତଦନ୍ତ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ତଦନ୍ତ କରିଥିଲେ। ସେପଟେ ପୂର୍ବତନ ଏସ୍‌ଡିପିଙ୍କର ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଥିଲେ ମଧ୍ୟ କାର୍ଯ୍ୟରେ ଯୋଗ ନ ଦେଇ ଫେରାର ହୋଇଛନ୍ତି। ତେବେ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିବା ଜଣାପଡ଼ିଛି। ସେପଟେ ପୂର୍ବତନ ଏସ୍‌ଡିପିଓଙ୍କ ସମ୍ପର୍କରେ ଏସ୍‌ପି ଓ ଅତିରିକ୍ତ ଏସ୍‌ପିଙ୍କୁ ପଚାରିଲେ କେହି ମୁହଁ ଖୋଲୁ ନାହାନ୍ତି।

# ୩ ଦିନ ଧରି ଜବରଦଖଲ ଉଚ୍ଛେଦ

## ଏକାଧିକ ବ୍ୟବସାୟ ପ୍ରତିଷ୍ଠାନ, ବାସଗୃହ ଧରାଶାୟୀ



ଖଣ୍ଡପଡ଼ା,୨୩।୪(ଅଜୟ କୁମାର ମହାରଣା): ୩ ଦିନ ଧରି ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ପୋଲିସ ଓ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଖଳିସାହି ବଜାରରୁ ନିକଟସ୍ଥ ମର୍ଦ୍ଦରାଜପୁର ଛକ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲୁ ରହିଛି। ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ସହ ଏହାର ଉଭୟ ପାର୍ଶ୍ୱରେ ଆବର୍ଜନା ପାଣି ନିଷ୍କାସନ ନେଇ ଡ୍ରେନ୍ ନିର୍ମାଣ ନିମନ୍ତେ ଜେସିବି ମେଶିନ ଯୋଗେ ଜବରଦଖଲ ଉଚ୍ଛେଦ କରାଯାଉଛି। ଫଳରେ ରାସ୍ତା ପାର୍ଶ୍ୱରେ ଦୀର୍ଘ ବର୍ଷ ଧରି ସ୍ଥାୟୀ ଭାବେ ନିର୍ମାଣ ହୋଇଥିବା ଏକାଧିକ ବାସଗୃହ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଏବେ ଧରାଶାୟୀ ହୋଇଥିବା ଜଣାଯାଇଛି।

## ସଂକ୍ଷେପରେ

### ଭାଲୁ ମୃତ୍ୟୁ ଘଟଣାରେ ଜଣେ ଗିରଫ, ୨ ଫେରାର



ଚଣ୍ଡିଖୋଲ, ୨୩।୪(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବୈରୀ ଡାଲିଯୋଡ଼ା ରେଞ୍ଜର କାଇମାଟିଆ କାଜୁଜଙ୍ଗଲରେ ଭାଲୁ ମୃତ୍ୟୁ ଘଟଣାରେ କାଇମାଟିଆ ପଞ୍ଚାୟତ ନଳିଦା ଗ୍ରାମର ତପନ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ଗତ ମଙ୍ଗଳବାର ଭାଲୁର ମୃତ୍ୟୁ ହୋଇଥିଲା। ବୈରୀ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବଡ଼ଚଣା ପ୍ରାଣୀଧନ ଚିକିତ୍ସାଳୟକୁ ଆଣି ବ୍ୟବଚ୍ଛେଦ କରାଇଥିଲେ। ବନ ବିଭାଗ ନଂ.୧୦/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣ ଫେରାର ଥିବା ରେଞ୍ଜର ସୂଚନା ଦେଇଛନ୍ତି। ତପନଙ୍କ ସମେତ ଅନ୍ୟ ଦୁଇ ଜଣ ବାର୍ହା ଶିକାର ପାଇଁ ବିସ୍ଫୋରକ ସାମଗ୍ରୀ ବ୍ୟବହାର କରୁଥିଲେ। ଏହି ବିସ୍ଫୋରକ ଗୋଲାକୁ ଭାଲୁ ଖାଇ ଦେବାରୁ ବିସ୍ଫୋରଣରେ ତା'ର ମୃତ୍ୟୁ ହୋଇଥିଲା ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### ସିଂହପୁର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍

ସିଂହପୁର, ୨୩।୪
(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ବାଳମକୁଳି ବିଦ୍ୟୁତ୍ ଉପଖଣ୍ଡ ଅଧୀନ ସିଂହପୁର ଓ ଏହାର ଆଖପାଖ ଅଞ୍ଚଳରେ ଏବେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଲୋକେ ପ୍ରବଳ ଗ୍ରୀଷ୍ମ ଓ ଗୁଳୁଗୁଳିରେ ହନ୍ତସନ୍ତ ହେଉଥିବାବେଳେ ବିଭାଗର କର୍ମଚାରୀ ବିଭିନ୍ନ ଆଳ ଦେଖାଇ ବିଦ୍ୟୁତ୍ କାଟ କରୁଥିବା ଉପଭୋକ୍ତା ଅଭିଯୋଗ କରିଛନ୍ତି। ଗ୍ରୀଷ୍ମରେ ବିଦ୍ୟୁତ୍ କାଟ କରାଯିବ ନାହିଁ ବୋଲି ସରକାର ଘୋଷଣା କରିଥିବାବେଳେ ବିଞ୍ଝାରପୁର ବ୍ଲକରେ ଏହା କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳୁଛି। ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଲୋକେ ଗରମରେ ହନ୍ତସନ୍ତ ହେଉଛନ୍ତି। ବିଶେଷ କରି ଶିଶୁ ଓ ବରିଷ୍ଠମାନେ ଅଧିକ ହୀନସ୍ତା ହେଉଛନ୍ତି। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ହେଉଛି। ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟୁତ୍ କାଟ ବନ୍ଦ କରିବାକୁ ଉପଭୋକ୍ତାଙ୍କ ପକ୍ଷରୁ ଦାବି ହୋଇଛି।

### ହରଚଣ୍ଡୀ ପୀଠରେ ଭଜନ ସମାରୋହ

ସିଂହପୁର, ୨୩।୪(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତ ନାଉବାଙ୍କ ଗ୍ରାମରେ ମା' ହରଚଣ୍ଡୀ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକଙ୍କ ପରିଚାଳନାରେ ଭଜନ ପରିବେଷଣ କରାଯାଇଥିଲା। ସୁନାମଧନ୍ୟ ଗାୟିକା ବିଜୟିନୀ ଦାଶ, ପ୍ରମିଜ ଶତପଥୀ, ଅମୂଲ୍ୟ କୁମାର ଓ ଚନ୍ଦ୍ରକାନ୍ତ ରାଉତ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ମଲ୍ଲିକ ଓ ସାମାଜିକ କର୍ମୀ ରାଜେନ୍ଦ୍ର ରାଉତରାୟଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସମସ୍ତ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା।

# ପାଣି ପାଇଁ ରାସ୍ତାରେ ମାଙ୍କେଡ଼ିଆ ବସ୍ତିବାସିନ୍ଦା

କାଳିଆପାଣି, ୨୩।୪
(ଅସିତ ମହାନ୍ତ)

ସୁକିନ୍ଦା ବ୍ଲକ୍ ଅଧୀନ ଗାଁସୋଳ ପଞ୍ଚାୟତରେ ଜନଜାତି ମାଙ୍କେଡ଼ିଆ ରହୁଛନ୍ତି। ପଞ୍ଚାୟତର ହଟିଂ ବସ୍ତିରେ ୩୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ହଟିଂରେ ୫ରୁ୬ ନଳକୂପ ରହିଥିବାବେଳେ ଅଧିକାଂଶ ନଳ କୂପ ଅଚଳ ହୋଇପଡ଼ିଛି। ଫଳରେ ଏଠାରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ତେଣୁ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଗୁରୁବାର ସେମାନେ ଟମକା-ମଙ୍ଗଳପୁର ରାସ୍ତାର ଟାଟାଗେଟ ନିକଟରେ ଆନ୍ଦୋଳନ କରିବା ସହ ଗରା, ବାଲ୍‌ଟି, ଡେକ୍‌ଚି ଥୋଇ ଆନ୍ଦୋଳନ କରିଛନ୍ତି। ଅନ୍ୟପଟେ ସରକାରଙ୍କ ପକ୍ଷରୁ ପ୍ରତି ଘରକୁ ଟ୍ୟାପ୍ ଯୋଗେ ଜଳ ଯୋଗାଣ କରାଯାଉଛି। ହେଲେ ଏଠାରେ ତାହା ସମୁଦ୍ରକୁ ଶଙ୍ଖେ ଭଳି ଲୋକଙ୍କ ନିକଟରେ ୧୦ରୁ୧୫ ଲିଟର ପାଣି ପହଞ୍ଚୁଛି। ହଟିଂ ନିକଟରେ ଥିବା ଟାଟା କମ୍ପାନୀ କଲୋନୀରେ ପୂର୍ବରୁ ଲୋକ ରହୁଥିବାରୁ ହଟିଂକୁ ପାନୀୟ ଜଳ ସମସ୍ୟା ନ ଥିଲା। ହେଲେ ଟାଟା କମ୍ପାନୀ କଲୋନୀ ବନ୍ଦ ହୋଇଯିବାରୁ ପାନୀୟ ଜଳ ଯୋଗାଣ ବନ୍ଦ କରିଦିଆଯାଇଛି। ଏବେ ପାନୀୟ ଜଳ ପାଇଁ ହଟିଂ ବାସିନ୍ଦା ଡହଳ ବିକଳ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।



ଗରା ବାଲ୍‌ଟି ଧରି ମହିଳାମାନେ ଆନ୍ଦୋଳନ କରୁଛନ୍ତି।

## ଅପହରଣ, ବଳାତ୍କାର ମାମଲା
# ଦୋଷୀଙ୍କୁ ୨୦ ବର୍ଷ କାରାଦଣ୍ଡ

ଯାଜପୁରଟାଉନ, ୨୩।୪
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଜଣେ ନାବାଳିକାଙ୍କୁ ଅପହରଣ ଓ ପରେ ବଳାତ୍କାର ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଯାଜପୁର ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଅଭିଳାଷ ସେନାପତି ମାମଲାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷରେ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୮ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନିମନ୍ତେ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।



ଅଭିଯୁକ୍ତ ସଞ୍ଜୟ ମହାରଣାଙ୍କୁ ଜେଲ ହାଜତକୁ ନିଆଯାଉଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ଜାନୁଆରୀ ୨୩ରେ କାଳିଆପାଣି ଥାନା କାଦୁଅବନ୍ଦୀ ଗ୍ରାମର ସଞ୍ଜୟ ମହାରଣା(୨୪)ଜେନାପୁର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରି ସମ୍ପର୍କୀୟଙ୍କ ଘରେ ରଖି ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ବାପା ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୮୭।୨୫ରେ ଏକ ମାମଲା ରୁଜୁକରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୩ଜଣ ସାକ୍ଷୀ ଓ ପୋଲିସର ଦସ୍ତାବିଜ୍‌କୁ ଆଧାର କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ରୀନିବାସ ସାହୁ ପରିଚାଳନା କରୁଥିଲେ।

### ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ରସୁଲପୁର, ୨୩।୪
(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ପଦ୍ମପୁର ଗ୍ରାମର ଜଣେ ଯୁବକଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି। ମୃତଯୁବକ ହେଲେ ଗ୍ରାମର କାର୍ତ୍ତିକ ଖୁଣ୍ଟିଆଙ୍କ ବଡ଼ପୁଅ କେଦାର(୨୬)। କେଦାର ବିଲକୁ ଘାସ ଆଣିବା ପାଇଁ ଯାଇଥିଲେ। ମଧ୍ୟାହ୍ନରେ ଦେହ ଅସୁସ୍ଥ ଲାଗିବାରୁ ସେ ଘରକୁ ଫେରି ଆସିଥିଲେ। ଘରେ ପହଞ୍ଚି ବେହୋସ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଥାନାରେ ନଂ.୧୪/୨୬ରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କୁହାଯାଉଛି।



# ଟାଟା ଷ୍ଟିଲ୍‌ରେ ପୃଥିବୀ ଦିବସ ପାଳିତ



ପୃଥିବୀ ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥିମାନେ।

କଳିଙ୍ଗନଗର, ୨୩।୪
(ଶୁଭାଶିଷ ରାଉତ)

ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ପୃଥିବୀ ଦିବସ ପାଳନ କରାଯିବା ସହ କାରଖାନା ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିୟାୱାକି ଜଙ୍ଗଲ ସୃଷ୍ଟି କରିବାର ଏକ ମହତ୍ତ୍ୱାକାଂକ୍ଷୀ ଯୋଜନାର ଅଂଶ ଭାବରେ ୧,୪୦୦ଟି ଚାରା ରୋପଣ କରାଯାଇଛି। ଏହି ଉତ୍ସବରେ ଟାଟା ଷ୍ଟିଲ କଳିଙ୍ଗନଗରର ମେକାନିକାଲ ମେଣ୍ଟେନାନ୍ସ ଚିଫ ଶଙ୍କର ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ଚିଫ ପଙ୍କଜ ଭୁରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଳ୍ପାୟନର ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଦିଗରେ ଏପରି ସବୁଜ ପଦକ୍ଷେପ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ସେ ସମ୍ପର୍କରେ ଉପସ୍ଥିତ ଅତିଥି ଆଲୋକପାତ କରିଥିଲେ।

### ନଦୀ ବାଲିରେ ପଡ଼ି ବୃଦ୍ଧା ମୃତ

ବ୍ରହ୍ମବରଦା, ୨୩।୪
(ଯଯାତି କେଶରୀ ବେହେରା)

ଧର୍ମଶାଳା ଥାନା ଅନ୍ତର୍ଗତ ଅରାବଳ ପଞ୍ଚାୟତ ବଡ଼ନଅନଙ୍ଗରା ନାଳକୂଳ ଗ୍ରାମର କୋଇଲି ମଲିକ(୬୫)ଙ୍କ ନଦୀ ବାଲିରେ ପଡ଼ିରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ମଧ୍ୟାହ୍ନରେ କୋଇଲି ଗ୍ରାମ ନିକଟ ଦେଇ ଯାଇଥିବା ବ୍ରାହ୍ମଣୀ ଶାଖା କେଲୁଅ ନଦୀକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ନଦୀର ତତଲା ବାଲିରେ ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଏହାଦେଖି ଭଗବାନପୁର ବ୍ରିଜଉପରେ ଯାଉଥିବା କେତେଜଣ ଲୋକ ତାଙ୍କ ଗ୍ରାମକୁ ଖବର ଦେଇଥିଲେ। ଘଟଣାସ୍ଥଳରେ କୋଇଲିଙ୍କ ପରିବାର ଲୋକେ ପହଞ୍ଚିଲାବେଳକୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ତାଙ୍କର ଅଂଶୁଘାତଜନିତ ମୃତ୍ୟୁ ହୋଇଥାଇପାରେ ବୋଲି ପୁଅ ଗୋପବନ୍ଧୁ ମଲିକ ଆନୁମାନ କରିଛନ୍ତି।

# ଯଜ୍ଞ ଉତ୍ସବ ଉଦ୍‌ଯାପିତ

ଧର୍ମଶାଳା, ୨୩।୪(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ବ୍ରହ୍ମଣଦା(ଭାତୁରୀପସି) ଗ୍ରାମବାସୀଙ୍କ ଦ୍ୱାରା ସୋମବାରଠାରୁ ଚାଲିଥିବା ଯଜ୍ଞଉତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅଙ୍କୁରାରୋପଣ ଓ କଳସାଧିବାସ ହୋଇଥିବାବେଳେ ମଙ୍ଗଳବାର ଗୋପୂଜା, ସୂର୍ଯ୍ୟପୂଜା, ପୀଠପୂଜା, ଷୋଡ଼ଶଉପଚାର ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ବୁଧବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ସୋମବାର ସନ୍ଧ୍ୟାରେ ସଂକୀର୍ତ୍ତନ ଓ ମଙ୍ଗଳବାର ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ଓ ବୁଧବାର ପୂର୍ଣ୍ଣାହୁତି ପରେ ଇସ୍କନ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। କର୍ତ୍ତାଭାବେ ରଶ୍ମିରଞ୍ଜନ ବରାଳ, ସ୍ତ୍ରୀ ନିବେଦିତା ବରାଳ ଓ ସହ କର୍ତ୍ତାଭାବେ କାର୍ତ୍ତିକ ଚନ୍ଦ୍ର ବରାଳ ଏବଂ ରଶ୍ମିତା ବରାଳ ପୂଜାର୍ଚ୍ଚନା କରିଥିଲେ। ସଭ୍ୟ ପ୍ରସନ୍ନ ବରାଳ, ନାରଣ ଚନ୍ଦ୍ର ସାହୁ, ବିଦ୍ୟାଧର ସାମଲ, ରମାକାନ୍ତ ମହାନ୍ତି, ଶକ୍ତିକାନ୍ତ ବରାଳ, ସପନ ବରାଳ, ମୁନା ବରାଳ, ରତିକାନ୍ତ ବରାଳ ପ୍ରମୁଖ ଗ୍ରାମବାସୀ ଯଜ୍ଞଉତ୍ସବରେ ସହଯୋଗ କରିଥିଲେ।

### ଅଷ୍ଟପ୍ରହର ନଗର ପରିକ୍ରମାବେଳେ ମାରପିଟ, ୮ ଗିରଫ

ଧର୍ମଶାଳା, ୨୩।୪ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା କୋତପୁର ଫାଣ୍ଡି ମିର୍ଜାପୁର ପଞ୍ଚାୟତ ସାଲେପୁର ମସ୍ତ ସାହିରେ ବୁଧବାର ଅଷ୍ଟପ୍ରହର ନଗର ପରିକ୍ରମା ସମୟରେ ୨ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଛି। ଏଥିରେ ୧୧ଜଣ ଆହତ ହୋଇଛନ୍ତି। ଏନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ୨ଟି ମାମଲା ରୁଜୁ କରି ଗୁରୁବାର ଉଭୟ ପକ୍ଷରୁ ୮ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଧବ ସେଠୀ (୪୨), ଅମରେଶ ସେଠୀ (୨୨), ବେଣୁଧର ସେଠୀ (୨୧), କାର୍ତ୍ତିକ ସେଠୀ (୨୭), ନାରାୟଣ ସେଠୀ(୫୯), ଦିବାକର ସେଠୀ (୪୬), ହୁଣ୍ଡା ସେଠୀ (୪୦) ଓ ଧନେଶ୍ୱର ସେଠୀ(୩୫)। ମଙ୍ଗଳବାର ଅଷ୍ଟପ୍ରହର ନାମଯଜ୍ଞବେଳେ ଅତିଥି ନିମନ୍ତ୍ରଣକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ବୁଧବାର ଅପରାହ୍ନରେ ନଗର ପରିକ୍ରମା ସମୟରେ ସାହିର ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳରେ ମାମି ସେଠୀ (୫୦), ଦୀପ୍ତି ସେଠୀ (୪୫), ରୂପା ସେଠୀ (୧୭), ସୁପା ସେଠୀ (୧୯), ନିଶା ସେଠୀ (୧୩), ଦିବାକର ସେଠୀ (୪୦), ବଣ୍ଟି ସେଠୀ (୩୫), ନଣ୍ଡା ସେଠୀ, ହୁଣ୍ଡା ସେଠୀ ଓ ପଣ୍ଡା ସେଠୀ ପ୍ରମୁଖ ଆହତ ହୋଇଥିଲେ। ଖବରପାଇ କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଫୋର୍ସ୍ ସହ ପହଞ୍ଚି ଗଣ୍ଡଗୋଳକୁ ଆୟତ କରିଥିଲେ। ଆହତଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାଧବ ସେଠୀଙ୍କ ସ୍ତ୍ରୀ ସୁନାନୀ ସେଠୀଙ୍କ ଅଭିଯୋଗକ୍ରମେ ନଂ.୧୬୬/୨୬ ଓ ନାରଣ ସେଠୀଙ୍କ ଅଭିଯୋଗକ୍ରମେ ନଂ.୧୬୫/୨୬ରେ ପୋଲିସ ମାମଲା ରୁଜୁ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

### ଭୁଲ୍‌ରେ ଆସିଥିବା ୭.୫ ଲକ୍ଷ ଟଙ୍କା ଫେରାଇଲେ ସାମାଜିକ କର୍ମୀ



ଚଣ୍ଡିଖୋଲ, ୨୩।୪
(ପ୍ରଦୀପ୍ତ କୁମାର ପୃଷ୍ଟି)

ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଭୁଲରେ ୭ଲକ୍ଷ ୫୦ ହଜାର ଟଙ୍କା ଆସିଥିଲା। ଏହି ଟଙ୍କା ଆସିବା ପରେ ସେ ମାନବିକତା ଦୃଷ୍ଟି କୋଣରୁ କିପରି ଫେରାଇବେ ସେଥିପାଇଁ ବ୍ୟସ୍ତ ହୋଇ ପଡ଼ିଥିଲେ। ସେ ଦୀର୍ଘ ୪ ମାସ ପରେ ସେ ଗୁରୁବାର ଏହି ଟଙ୍କା ବଡ଼ଚଣା ପୋଲିସ ସହାୟତାରେ ଫେରାଇଛନ୍ତି। ତାଙ୍କର ସଚ୍ଚୋଟ ପଣିଆକୁ ନେଇ ବଡଚଣା ଅଞ୍ଚଳରେ ଚର୍ଚ୍ଚା ଜୋରଧରିଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବଡ଼ଚଣା ଥାନା ଅନ୍ତର୍ଗତ ରାଧାଦେଇପୁର ଗ୍ରାମର ସନ୍ତୋଷ କୁମାର ନାୟକଙ୍କ କ୍ଷେତ୍ରରେ। ସେଜଣେ ସାମାଜିକ କର୍ମୀ ଭାବରେ ଖୁବ ପରିଚିତ। ଗତ ଡିସେମ୍ବରରେ ସନ୍ତୋଷ ଘରେ ବସିଥିବା ସମୟରେ ତାଙ୍କ ଆକାଉଣ୍ଟକୁ ଉପରୋକ୍ତ ଟଙ୍କା ଏକ ଅଜଣା ଆକାଉଣ୍ଟରୁ ଆସିଥିବାନେଇ ମୋବାଇଲକୁ ମ୍ୟାସେଜ ଆସିଥିଲା। ଏନେଇ ସନ୍ତୋଷ ବଡ଼ଚଣା ଥାନାରେ ଲିଖିତ ଆକାରରେ ଜଣାଇଥିଲେ ଓ ତୁରନ୍ତ ବ୍ୟାଙ୍କ ଅଧିକାରୀଙ୍କ ସହ ଯୋଗାଯୋଗ ମଧ୍ୟ କରିଥିଲେ। ଭୁଲରେ ପଠାଇ ଥିବା ବ୍ୟକ୍ତି ସୁନୀଲ କୁମାରଙ୍କ ମୋବାଇଲ ନମ୍ବର ଆଣି ତାଙ୍କ ସହ ଯୋଗାଯୋଗ କରିଥିଲେ। ସୁନୀଲ ସିଲିଗୁଡ଼ିରେ ସେନା ବାହିନୀରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଛୁଟି ନ ଥିବାରୁ ସେ ମଧ୍ୟ ଆସି ପାରୁ ନ ଥିଲେ। ଏତେଗୁଡ଼ିଏ ଟଙ୍କା ଭୁଲରେ ସନ୍ତୋଷଙ୍କ ଆକାଉଣ୍ଟ ଚାଲି ଯାଇ ଥିବାରୁ ସେ ମଧ୍ୟ ଚିନ୍ତାରେ ଥିଲେ। ତେଣୁ ସୁନୀଲ କୁମାର ସନ୍ତୋଷଙ୍କ ସହ ଯୋଗାଯୋଗ କରି ବଡ଼ଚଣାରେ ପହଞ୍ଚି ତାଙ୍କ ଟଙ୍କାକୁ ପୋଲିସ ଉପସ୍ଥିତିରେ ଚେକ ଆକାରରେ ଫେରସ୍ତ ପାଇଥିଲେ। ଏଥିପାଇଁ ସୁନୀଲ କୁମାର ସନ୍ତୋଷଙ୍କୁ ଧନ୍ୟବାଦ ଜଣାଇବା ସହ ଭୂୟସୀ ପ୍ରଶଂସା କରିଥିଲେ।

### ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମାବେଶ

ଧର୍ମଶାଳା, ୨୩।୪
(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚର ୭ମ ବାର୍ଷିକ ସମାବେଶ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଧର୍ମଶାଳା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ଅବସରପ୍ରାପ୍ତ ନ୍ୟାୟାଧିଶ ଗୟାଧର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ସଭ୍ୟମାନେ ପୁଷ୍ପାର୍ଘ୍ୟ ପ୍ରଦାନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅଭୟାନନ୍ଦ ସାରଦା ଶୋକ ଆବୃତି କରିଥିଲେ। ପରେ ଦିବଙ୍ଗତ ସଭ୍ୟମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ କରୁଣାକର ବରାଳ ସୂଚନା ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ଭିକାରୀ ଚରଣ ମଳିକ ଆୟବ୍ୟୟ ଉପସ୍ଥାପନା କରିଥିଲେ। ପରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତିଭାବେ ଅବସରପ୍ରାପ୍ତ ନ୍ୟାୟଧିଶ ଗୟାଧର ପଣ୍ଡା, କାର୍ଯ୍ୟକାରୀ ସଭାପତିଭାବେ କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ, ଉପସଭାପତିଭାବେ ଯୁଧିଷ୍ଠିର ସ୍ୱାଇଁ, ବନମାଳି ରାଉତ, ସମ୍ପାଦକଭାବେ ହୃଷୀକେଶ ସାମଲ, ସହସମ୍ପାଦକ ଭାବେ ପୀତବାସ ପାତ୍ର, ସଙ୍ଗଠକ ସମ୍ପାଦକଭାବେ ବିବେକାନନ୍ଦ ନାୟକ, କୋଷାଧ୍ୟକ୍ଷ ଭାବେ ଭିକାରୀ ଚରଣ ମଳିକଙ୍କୁ ନିର୍ବାଚିତ କରାଯାଇଥିଲା। ନୃସିଂହ ଚରଣ ମହାନ୍ତି, ମହମ୍ମଦ ରିୟାଜୁଲ୍ ହକ୍, ବିନୋଦ ବିହାରୀ ରାଉତଙ୍କୁ ନୂତନ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। ବରିଷ୍ଠ ସଭ୍ୟ ଗୋଲଖବିହାରୀ ନାଥ, ନରୋତ୍ତମ ଜେନା, ଦନେଇ ସାହୁ, ଶଶଧର ହୋତା, ଗଦାଧର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ୯ଜଣ ସଭ୍ୟଙ୍କୁ କାର୍ଯ୍ୟକାରୀ କମିଟି ସଭ୍ୟଭାବେ ମନୋନୀତ କରାଯାଇଥିଲା। ଡାକ୍ତର ବିଜୟ କୁମାର ଶତପଥୀ, ରମାକାନ୍ତ ଜେନା, ବ୍ରଜକିଶୋର ଦାଶ, ଧରଣୀଧର ଦାସ, କରୁଣାକର ବରାଳ, ଗୋଲଖ ଚନ୍ଦ୍ର ପଲେଇ, ବସନ୍ତ ପରିଡ଼ା, କାହ୍ନୁଚରଣ ଦାଶ, ଅଜୟ ମହାପାତ୍ରଙ୍କୁ ଉପଦେଷ୍ଟାଭାବେ ଗ୍ରହଣ କରାଯାଇଥିଲା। ପୀତବାସ ପାତ୍ର ଧନ୍ୟବାଦ ଦେଇଥିଲେ।

### ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ



ପ୍ରବଚନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପ୍ରବଚକ ଏବଂ ଅନ୍ୟମାନେ।

ଧର୍ମଶାଳା, ୨୩।୪(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରସ୍ଥିତ ପାବନୀ ମଣ୍ଡପଠାରେ ଶ୍ରୀରାମ ଚରିତ ମାନସ ପରାୟଣ କମିଟି ପକ୍ଷରୁ ପଣା ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଶ୍ରୀରାମ ଚରିତ ମାନସ ପାରାୟଣ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପୁରୀ ଶ୍ରୀକ୍ଷେତ୍ର ଧାମର ରତ୍ନାକର ନାୟକ ପ୍ରବଚନ ପ୍ରଦାନ କରିଥିଲେ। ପଣାସଂକ୍ରାନ୍ତି ସନ୍ଧ୍ୟାରେ ଭଜନକୀର୍ତ୍ତନ ସହ ପ୍ରାରମ୍ଭିକ ଯଜ୍ଞାନୁଷ୍ଠାନ ଶୁଭାରମ୍ଭ ହୋଇଥିଲା। ଏଥିରେ ପ୍ରବଚକ ଭାବେ ପଣ୍ଡିତ ଗଣେଶ୍ୱର ପରିଡ଼ା ମଙ୍ଗଳବାର ଓ ବୁଧବାର ସନ୍ଧ୍ୟାରେ ପ୍ରବଚନ ପ୍ରଦାନ କରିଥିଲେ। ଗୁରୁବାର ଓ ଶୁକ୍ରବାର ସନ୍ଧ୍ୟାରେ ପଣ୍ଡିତ ଚିତ୍ତରଞ୍ଜନ ନାୟକ, ଶନିବାର, ରବିବାର ଓ ସୋମବାର ସନ୍ଧ୍ୟାରେ ପଣ୍ଡିତ ବିଶ୍ୱଜିତ୍ ନାୟକ ପ୍ରବଚନ ପ୍ରଦାନ କରିଥିଲେ। ମଙ୍ଗଳବାର ଓ ବୁଧବାର ସନ୍ଧ୍ୟାରେ ରତ୍ନାକର ଶ୍ରୀରାମ ଚରିତ ମାନସ ପାରାୟଣ ଉପରେ ପ୍ରବଚନ ପ୍ରଦାନ କରିଥିଲେ। ପ୍ରବଚନ କାର୍ଯ୍ୟକ୍ରମରେ କମିଟି ସଭାପତି ପୂର୍ବତନ ସିଡିଏମ୍‌ଓ ବିଜୟ କୁମାର ଶତପଥୀ, ସମ୍ପାଦକ ଡାକ୍ତର ସୁଧୀର କୁମାର ସାହୁ, ସହ ସମ୍ପାଦକ ମିନତି ସାହୁ, କୋଷାଧ୍ୟକ୍ଷ ସୁଧୀର ରଞ୍ଜନ ତ୍ରିପାଠୀ ଓ ସବିତା ରାଣୀ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିଥିଲେ।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ୧୦ ଦଫା ଦାବିପତ୍ର

ରସୁଲପୁର, ୨୩।୪(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ୧୦ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। ଚଳିତବର୍ଷ ୨୫ମାର୍ଚ୍ଚରେ ସଂସଦରେ ଅଷ୍ଟମବେତନ କମିଶନ ପ୍ରସ୍ତାବରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ ବୃଦ୍ଧି ନ କରିବାକୁ ପ୍ରସ୍ତାବ ଗୃହୀତ କରାଯାଇଛି। ଏହାକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଉକ୍ତ ପ୍ରସ୍ତାବକୁ ସରକାର ତୁରନ୍ତ ପ୍ରତ୍ୟାହାର କରିନିଅନ୍ତୁ ବୋଲି ଦାବିପତ୍ର ଜରିଆରେ ସରକାରଙ୍କୁ ଅନୁରୋଧ କରାଯାଇଛି।



ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ କିରାଣିଙ୍କୁ ଦାବିପତ୍ର ଦିଆଯାଉଛି।

ପୂର୍ବ ବେତନ କମିଶନ ଅନୁଯାୟୀ ଅଷ୍ଟମ ବେତନ କମିଶନରେ ସମାନ ସୁବିଧା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାଛଡ଼ା କେନ୍ଦ୍ର ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କ ଆଧାରରେ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ, ରେଳ ଓ ବସ୍ ଯାତ୍ରାରେ ରିହାତି ସୁବିଧା, ସ୍ୱାସ୍ଥ୍ୟବୀମା ଯୋଜନାରେ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରିବା, ପେନ୍‌ସନଧାରୀଙ୍କୁ ଆୟକର ଆଇନ ପରିସରଭୁକ୍ତ ନ କରିବାକୁ ଦାବି କରାଯାଇଛି। ସଂଘ ସଭାପତି ସୁଧାଂଶୁ ଭୂଷଣ ମିଶ୍ର, ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା, ଉପସଭାପତି ଜଳଧର ସାହୁ, ସଂଗଠନ ସମ୍ପାଦକ ବିଜୟ ଦାଶ, ପଦ୍ମନାଭ ସାହୁ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକର ମୁଖ୍ୟ କିରାଣିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଦାବିକୁ ଗୁରୁତ୍ୱ ପ୍ରଦାନ କରା ନ ଗଲେ ସଂଘ ଆନ୍ଦୋଳନାତ୍ମକ ପନ୍ଥାରୁ ଆପଣାଇବ ବୋଲି ଚେତାବନୀ ଦିଆଯାଇଛି।

# ପଟ୍ଟାମୁଣ୍ଡାଇ କଲେଜର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ, ୨୩।୪(କଳ୍ପତରୁ ନାୟକ)

ତିନିଦିନ ଧରି ଚାଲିଥିବା ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କଲେଜ ପୁରାତନ ଛାତ୍ର ସଂସଦ ସଭାପତି ରଶ୍ମିରଞ୍ଜନ ପ୍ରଧାନ ଉଦ୍‌ଯାପନୀ ଉତ୍ସବରେ ପୌରୋହିତ୍ୟ କରି ସମସ୍ତ ବାଧା ଓ ପ୍ରତିବନ୍ଧକକୁ ଏଡ଼ାଇ ୩ଦିନ ବ୍ୟାପୀ ଆୟୋଜିତ ଉତ୍ସବରେ ସମସ୍ତଙ୍କ ସହଯୋଗ ପାଇଁ ସାଧୁବାଦ ଜଣାଇଥିଲେ। ଏଥିସହିତ କଲେଜ ବିକାଶକୁ କଣ୍ଟରୋଧ କରି ଉତ୍ସବ ଭଣ୍ଡୁର ପାଇଁ ଉଦ୍ୟମ କରିଥିବା ଚକ୍ରାନ୍ତକାରୀ ଗୋଷ୍ଠୀଙ୍କୁ ଭଗବାନ୍ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି କହିଥିଲେ। ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବଦନା ପାତ୍ର ମୁଖ୍ୟ ଅତିଥି, କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ମୁଖ୍ୟବକ୍ତା, ପୁରାତନ ଛାତ୍ର ଗାଳ୍ପିକ ପ୍ରାଧ୍ୟାପକ ଡ. ନୀଳମଣି ଲେଙ୍କା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ନିଶିକାନ୍ତ ପ୍ରଧାନ, ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ଦାଶ, ପ୍ରମୋଦ ସାହୁ, ଅମରେଶ ପାତ୍ର ଓ ରବୀନ୍ଦ୍ର ବିଶ୍ୱାଳ ଉତ୍ସବରେ ଉଦ୍‌ବୋଧନ ଦେଇ କଲେଜ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ପୁରାତନ ଛାତ୍ର ରମେଶ ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଆଇଆଇସି ପାତ୍ର, କଲେଜ ଅଧ୍ୟକ୍ଷ ପାତ୍ର, ପୁରାତନ ଛାତ୍ର ପୂର୍ବତନ ବିଧାୟକ କିଶୋର ତରାଇ, ପୁରାତନ ଛାତ୍ର ସଂସଦ ସଭାପତି ପ୍ରଧାନ, ସମ୍ପାଦକ ପ୍ରଧାନ, ଯୁଗ୍ମ ସମ୍ପାଦକ ଦାଶ, କୋଷାଧ୍ୟକ୍ଷ ଶୁଭଦୀପ ଗୁପ୍ତା, ପୁରାତନ ଛାତ୍ର ଗାଳ୍ପିକ ପ୍ରଦୀପ ନାୟକ, କିଶୋର ସ୍ୱାଇଁ, ରବୀନ୍ଦ୍ର ବିଶ୍ୱାଳ, ଉପେନ୍ଦ୍ର ନାୟକ, ରମେଶ ଦେ, ସୁଶାନ୍ତ ଦାଶ, ପ୍ରମୋଦ ସାହୁ, ନଟବର ସେଠୀ, ମିଟୁ ମନୋଜ ନାୟକ, ଶିଶିର ମଲ୍ଲିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ରମେଶ ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରମୋଦ ସାହୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ କଲେଜର ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ ଓ ବର୍ତ୍ତମାନର ଅଧ୍ୟାପିକା ଅଧ୍ୟାପକ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।


ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥିମାନେ।

# ଶୁଖିଲା ପଡ଼ିଛି ଜଳାଶୟ, ସଙ୍କଟରେ ପଶୁପକ୍ଷୀ

## ଜଙ୍ଗଲ ପାର୍ଶ୍ୱରେ ତୁଆ ଖନନ ଦାବି

ମହାକାଳପଡ଼ା, ୨୩।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ପଶ୍ଚିମା ପବନ ବହିବା ଯୋଗୁ ଅସହ୍ୟ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ଜଳସ୍ତର ନିମ୍ନଗାମୀ ହେଲାଣି। ଫଳରେ ଜଙ୍ଗଲୀ ଜନ୍ତୁ ଓ ପଶୁପକ୍ଷୀଙ୍କ ପାଇଁ ପାଣି ଓ ଖାଦ୍ୟ ସଙ୍କଟ ଦେଖିବାକୁ ମିଳୁଛି। ଯେଉଁ ଖାଲଖମାରେ ଟୋପେ ପାଣି ରହିଛି, ସେଠାରେ ପାଣି ଓ ଖାଦ୍ୟ ପାଇଁ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳୁଛି। କେତେକ ପକ୍ଷୀ ଶିକାରୀ ଏହାର ଫାଇଦା ନେଇ ବିଷ ଫାଶ ବସାଇ ଶିକାର କରିବା ପୂର୍ବରୁ ନଜର ରଖିଛି। ଏମାନଙ୍କର ସୁରକ୍ଷା ଓ ସଂରକ୍ଷଣ ସୁନିଶ୍ଚିତ କରିବା ପାଇଁ ବନ ବିଭାଗ କର୍ମଚାରୀ ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ ହୋଇ ପଡ଼ିଛି ବୋଲି ପରିବେଶପ୍ରେମୀ ସୁବାସ ସ୍ୱାଇଁ କହିଛନ୍ତି। ଦୁଇଦିନ ପୂର୍ବରୁ ଏକ ହରିଣ ଖାଦ୍ୟ ଓ ପାଣି ପାଇଁ ଜଙ୍ଗଲରୁ ବାହାରି ଜନବସତିହୁଁ ହୋଇ ଦୁର୍ଘଟଣାର ଶିକାର ହୋଇଥିଲା। ଜଙ୍ଗଲ ପାର୍ଶ୍ୱରେ ତୁଆ ଖନନ କରିବା ପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଗ୍ରାମୀଣ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଁଓକରଙ୍କୁ ପଚାରିବାରେ ଜଙ୍ଗଲରେ ତୁଆ ଖନନ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବଙ୍ଗାଳପୁର ଗୋପୀନାଥଜୀଉ ମନ୍ଦିରର ରତ୍ନମୁଦ

ପାଟକୁରା, ୨୩।୪(ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗାଳପୁର ଗ୍ରାମରେ ନବନିର୍ମିତ ଗୋପୀନାଥଜୀଉଙ୍କ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ଧର୍ମୀୟ ପରିବେଶରେ ସମ୍ପନ୍ନ ହୋଇଛି। ବ୍ରହ୍ମାନନ୍ଦ ସରସ୍ୱତୀ ମନ୍ଦିରର ରତ୍ନମୁଦ କାର୍ଯ୍ୟ ସମ୍ପନ୍ନ କରିଥିଲେ। କର୍ତ୍ତାଭାବେ ଡ. ପ୍ରମୋଦ କୁମାର ଲେଙ୍କା ଦାୟିତ୍ୱ ନିର୍ବାହ କରିଥିଲେ। ଯୁବ ଉଦ୍ୟୋଗୀ ପ୍ରସନ୍ନ କୁମାର ଲେଙ୍କାଙ୍କ ପ୍ରଚେଷ୍ଟା ଓ ଗ୍ରାମର ବୈକୁଣ୍ଠ ଚରଣ ଲେଙ୍କା, ମାଗୁଣି ଚରଣ ଲେଙ୍କା, ଶୁଭେନ୍ଦୁ ଲେଙ୍କା, ଫକୀର ଲେଙ୍କା, ମଙ୍ଗୁଳି ନାୟକ, ବିଜୟ ନାୟକ, ଅନନ୍ତ ସାହୁ, ବୃନ୍ଦାବନ ଲେଙ୍କା, ପ୍ରତାପ ଲେଙ୍କା, ବିଜୟ ସେଠୀଙ୍କ ସମେତ ଗ୍ରାମର ସମସ୍ତ ମୁରବି ଉପସ୍ଥିତ ରହି ଏହି ଧାର୍ମିକ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଗୋପୀନାଥ ଜୀଉ ଯୁବକ ସଂଘ ଓ ସମସ୍ତ ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ନିମନ୍ତ୍ରିତ ମନ୍ତ୍ରୀ, ବିଧାୟକମାନଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

## ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ପଟ୍ଟାମୁଣ୍ଡାଇ, ୨୩।୪(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନିମନ୍ତ୍ରିତ ଅତିଥିଭାବେ ଯୋଗଦେବାକୁ ଥିବା ମନ୍ତ୍ରୀ ଓ ବିଧାୟକ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିଲେ। ଏପରିକି କଲେଜ ପରିଚାଳନା ସମିତି ସଭାପତି ତଥା ଉପଜିଲାପାଳ ଏଥିରେ ଉପସ୍ଥିତ ନ ରହିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୭୦ରେ ପଟ୍ଟାମୁଣ୍ଡାଇ କଲେଜ ସ୍ଥାପନ ହୋଇଥିଲା। ଏନେଇ ୨୦୨୦ ଜୁନ ୮ରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ମାତ୍ର ବର୍ତ୍ତମାନର ଅଧ୍ୟକ୍ଷ କେତେଜଣ ପୁରାତନ ଶିକ୍ଷାର୍ଥୀଙ୍କୁ ନେଇ ଉତ୍ସବ ପାଳନ ପାଇଁ ସ୍ଥିର କରିଥିଲେ। ଏହାକୁ ବିରୋଧ କରି ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ପୂର୍ବତନ ସଭାପତି ଆଇନଜୀବୀ ଗୋପୀନାଥ ତ୍ରିପାଠୀ, ଆଇନଜୀବୀ ବୀରକିଶୋର ଦାଶ, ଛାତ୍ରନେତା ବିଶ୍ୱନାଥ ସାହୁ, କାଉନ୍‌ସିଲର ଗୋପୀବଲ୍ଲଭ ନାୟକ ପ୍ରମୁଖ ଦ୍ୱିତୀୟ ଥର କଲେଜରେ ସୁବର୍ଣ୍ଣ ଜୟନ୍ତୀ ପାଳନକୁ ବିରୋଧ କରି ଗତ ୧୮ ତାରିଖରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ମାତ୍ର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଷ୍ଟାଫ୍ କାଉନ୍‌ସିଲ ପରିଷଦ ନିଷ୍ପତ୍ତି ପରେ ନୂତନ ଓ ପୁରାତନ ଛାତ୍ର ସଂସଦ ଗଠିତ ହୋଇ ଉଭୟଙ୍କ ମିଳିତ ସହଯୋଗରେ ଏହି ସୁବର୍ଣ୍ଣ ଜୟନ୍ତୀ ହେଉଛି ଏବଂ ପରିଚାଳନା ସମିତି ସଭାପତି ଉପଜିଲାପାଳଙ୍କ ସହମତି ଅଛି ବୋଲି କହିଥିଲେ। ଉତ୍ସବ ଆୟୋଜନ କରି ଉଦ୍‌ଘାଟନୀ ଦିବସର ପ୍ରଥମ ପର୍ଯ୍ୟାୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର. ଆୟାର ଯୋଗଦେବା ନେଇ ନିମନ୍ତ୍ରଣପତ୍ର ଛପାଯାଇଥିଲା। ମାତ୍ର କୌଣସି କାରଣରୁ ସେମାନଙ୍କ ଅନୁପସ୍ଥିତିରୁ ପୂର୍ବତନ ଅଧ୍ୟକ୍ଷଙ୍କ ସହ ଅଞ୍ଚଳର ବ୍ୟକ୍ତିଙ୍କୁ ନେଇ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ କଟକ ମହାନଗର ନିଗମ ମେୟର ସୁବାସ ସିଂ, କେନ୍ଦ୍ରାପଡ଼ା ପୂର୍ବତନ ବିଧାୟକ କିଶୋର ତରାଇ, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ, କେନ୍ଦ୍ରାପଡ଼ା ଉପଜିଲାପାଳ ଅରୁଣ ନାୟକ, ଦ୍ୱିତୀୟ ଅଧିବେଶନରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ, ଲେବର କମିଶନର ଇନ୍ଦ୍ରମଣି ତ୍ରିପାଠୀ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ ଯୋଗଦେବା ନେଇ ନିମନ୍ତ୍ରଣ ପତ୍ରରେ ଉଲ୍ଲେଖଥିଲା। ହେଲେ ଉକ୍ତ କାର୍ଯ୍ୟକ୍ରମରେ କୌଣସି ଅତିଥି ଉପସ୍ଥିତ ନ ଥିଲେ।

ଉଦ୍‌ଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଏବଂ ଦ୍ୱିତୀୟ ଅଧିବେଶନରେ ରାଜନଗରର ପୂର୍ବତନ ବିଧାୟକ ଅଲେଖ ଜେନା, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ ଓ ପୌରାଧ୍ୟକ୍ଷ ହେମନ୍ତ ସାହୁ ଅତିଥିଭାବେ ଯୋଗଦେବାକୁ ଥିବାବେଳେ ସେମାନଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ଏ ନେଇ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କୁ ପଚାରିବାରୁ ଉଦ୍‌ଘାଟନୀ ଉତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅନ୍ୟତ୍ର କୌଣସି ବିଶେଷ କାର୍ଯ୍ୟ ପାଇଁ ବ୍ୟସ୍ତ ରହିବାରୁ ଆସିପାରିବେ ନାହିଁ ବୋଲି ତାଙ୍କ ଅଫିସରୁ ସୂଚନା ମିଳିଥିବା କହିଛନ୍ତି। ତେବେ ପରିଚାଳନା କମିଟି ସଭାପତି ଉଦ୍‌ଘାଟନୀ ଉତ୍ସବ ଦିନ କଲେଜ ପରିଦର୍ଶନ କରି ଉତ୍ସବ ସମ୍ପର୍କରେ ପଚାରି ବୁଝିଥିଲେ ବୋଲି ସେ କହିଛନ୍ତି।

# ମହିଳାଙ୍କୁ ୩୩% ସଂରକ୍ଷଣ ପ୍ରସଙ୍ଗରେ ଭାଜପାକୁ ଟାର୍ଗେଟ୍


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବର୍ଗ।

## ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ

କେନ୍ଦ୍ରାପଡା, ୨୩।୪(ଜଗନ୍ନାଥ ଧଳ)

ଲୋକ ସଭା ଓ ବିଧାନସଭାମାନଙ୍କରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ପ୍ରସଙ୍ଗରେ ଭାଜପା କୁମ୍ଭୀରକାନ୍ଦଣା କାନ୍ଦୁଛି। ଲୋକଙ୍କୁ ବିଭ୍ରାନ୍ତ କରାଇ ଆଗାମୀ ନିର୍ବାଚନରେ ଏହାର ସୁଯୋଗ ନେବାକୁ ଚାହୁଁଛି। ପ୍ରଧାନମନ୍ତ୍ରୀଙ୍କ ଦେଶ ପାଇଁ ବାର୍ତ୍ତାରେ ଏହା ସ୍ପଷ୍ଟ ହୋଇଥିବା ମହିଳା ସଂରକ୍ଷଣ ଓ ଡିଲିମିଟେଶନ ପାଇଁ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ନେତାମାନେ ମତ ଦେଇଛନ୍ତି। ସହରର କଜଳାସ୍ଥିତ କଂଗ୍ରେସ ଭବନଠାରେ ଏହି ସମ୍ମିଳନୀ ଜିଲା ସଭାପତି ଦେବସ୍ମିତା ଶର୍ମାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ, ଫକୀର ଖଟୁଆ, ବିଧୁଭୂଷଣ ମହାପାତ୍ର ଉପସ୍ଥିତ ଥିଲେ।

ସେମାନେ କହିଥିଲେ, ୨୦୨୩ରେ ନାରୀଶକ୍ତି ବନ୍ଦନ ଅଧିନିୟମ ହୋଇଥିଲା। ଜନଗଣନା ପାଇଁ ଅଟକିଥିବା ଏହି ଅଧିନିୟମ କାର୍ଯ୍ୟକାରୀ କରିବା ପାଇଁ ଭାଜପା ସଂସଦରେ ପ୍ରସ୍ତାବ ଆଣି ନିଜକୁ ମହିଳାଙ୍କ ତ୍ରାଣକର୍ତ୍ତା ହେବାକୁ ଚେଷ୍ଟା କରିଛି। ଏହି ଅଧିନିୟମ ୨୦୨୪ ସାଧାରଣ ନିର୍ବାଚନରେ କାହିଁକି ଲାଗୁ ହେଲା ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ମହିଳା ସଂରକ୍ଷଣକୁ ଡିଲିମିଟେଶନରେ ଯୋଡିଥିଲେ ମଧ୍ୟ ଜାତି ଜନଗଣନା ସମ୍ପର୍କରେ କୌଣସି ସ୍ପଷ୍ଟ ତଥ୍ୟ ନାହିଁ। ୧୯୮୯ରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜବ ଗାନ୍ଧୀ ଆଣିଥିଲେ। ଫଳରେ ସାରା ଦେଶରେ ୧୫ ଲକ୍ଷ ସ୍ଥାନୀୟ ପଞ୍ଚାୟତ ଓ ନଗରପାଳିକାରେ ମହିଳା ପ୍ରତିନିଧିତ୍ୱ ମିଳିଛି। ସଂସଦ ଓ ବିଧାନସଭାରେ ଏହି ସଂରକ୍ଷଣ ବ୍ୟବସ୍ଥା କରିବାରେ ରାଜୀବ ଗାନ୍ଧୀ ଚେଷ୍ଟା କରିଥିଲେ। ମାତ୍ର ୭ ଖଣ୍ଡ ଭୋଟରେ ଏହା ନାକଚ ହୋଇଥିଲା। ମହିଳାଙ୍କୁ ରାଜନୈତିକ କ୍ଷେତ୍ରରେ ଗୁରୁତ୍ୱ ଦେବା କେବଳ କଂଗ୍ରେସ ହିଁ ପ୍ରଥମ ସ୍ଥାନ ଗ୍ରହଣ କରିବ। ଗତ ସଂସଦ କାର୍ଯ୍ୟକାଳରେ ଭାଜପା ଏହି ଅଧିନିୟମ ସପକ୍ଷରେ ସଂଖ୍ୟା ନଥିବା ସତ୍ତ୍ୱେ ଗେଜେଟ ନୋଟିଫିକେଶନ ପାଇଁ ଏହି ଅଭିନୟ କରିଛି। ଭୋଟ ସଂଖ୍ୟା କମିବାରୁ ଏବେ କଂଗ୍ରେସ ଉପରେ ଦୋଷ ଲଦୁଛନ୍ତି। ଏହାକୁ ବିଶ୍ୱାସକୁ ନିଅନ୍ତୁ ନାହିଁ ବୋଲି ସମ୍ମିଳନୀରେ ନେତାମାନେ ମତ ରଖିଥିଲେ।

# ମଧ୍ୟାହ୍ନ ୧୨ଟା ପରେ ରାସ୍ତାଘାଟ ଶୂନ୍‌ଶାନ

## ପ୍ରଶାସନ ପକ୍ଷରୁ ଖୋଲୁନି ଜଳଛତ୍ର

ଆଳି, ୨୩।୪(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ମୁଣ୍ଡଫଟା ଖରା ଯୋଗୁ ପୂର୍ବାହ୍ନ ୧୨ଟା ପରେ ଅଞ୍ଚଳର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଆଳି ବଜାରରେ ରାସ୍ତାଘାଟ ଶୂନ୍‌ଶାନ ହୋଇଯାଉଛି। ବିଶେଷ କାମ ଥିଲେ ଲୋକେ ଟୋପି, ଓଦା ଗାମୁଛା ଦେଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି । ପ୍ରଶାସନ ପକ୍ଷରୁ ରାସ୍ତାରେ ଜଳଛତ୍ର ଖୋଲିବାର ବ୍ୟବସ୍ଥା ଥିବା ବେଳେ ତାହା ଆଜି ପର୍ଯ୍ୟନ୍ତ ହୋଇନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ମୁଖ୍ୟ ରାସ୍ତାର ବିଭିନ୍ନ ଛକରେ ବିଶ୍ରାମାଗାର ଓ ଜଳଛତ୍ର ଖୋଲିବାକୁ ସାଧାରଣରେ ଦାବି ହୋଇଛି। ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଜଳଛତ୍ର ଖୋଲାଯିବ ବୋଲି କହିଛନ୍ତି ।

# ଗୃହଗଣନା, ଜନଗଣନାର ସମୀକ୍ଷା କାର୍ଯ୍ୟକ୍ରମ

ମାର୍ଶାଘାଇ, ୨୩।୪(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ପ୍ରାଥମିକ ପର୍ଯ୍ୟାୟ ଜନଗଣନା, ଗୃହଗଣନାର ସମୀକ୍ଷା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ ତହସିଲଦାର ତଥା ଜନଗଣନା ଚାର୍ଜ ଅଫିସର ଶ୍ରୀକାନ୍ତ ପରିଜା ଏବଂ ମାର୍ଶାଘାଇ ବ୍ଲକ ଜନଗଣନା କ୍ଷେତ୍ର ପ୍ରଶିକ୍ଷକ ତଥା ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ମହାଭୋଇ ଏହାର ସମୀକ୍ଷା କରିଥିଲେ। ରୁରାଲ ଚାର୍ଜ ସୁପରଭାଇଜର ପ୍ରସନ୍ନ କୁମାର ପରିଡ଼ା, ଲକ୍ଷ୍ମୀଧର ଲେଙ୍କା, ସୁଦର୍ଶନ ମାଝୀ, ଅଙ୍ଗଦ ପାଇଟାଳ, ଦୀପକ ବେହେରା, ମେନକା ପ୍ରଧାନ, ପ୍ରିୟଦର୍ଶିନୀ ଦାସ, ଜୟନ୍ତ କୁମାର ଜେନା, ତ୍ରୈଲୋକ୍ୟନାଥ ମହାପାତ୍ରଙ୍କ ସମେତ ଅନ୍ୟ ଚାର୍ଜ ସୁପରଭାଇଜରମାନେ ଜନଗଣନା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ଗଣନା ସମୟରେ କ୍ଷେତ୍ରସ୍ଥଳରେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଦୁଇ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।


ଅଧିକାରୀମାନେ ଗୃହଗଣନା ଜନଗଣନାର ସମୀକ୍ଷା କରୁଛନ୍ତି।

# ମାଣିଖଣ୍ଡି ମହାପୁରୁଷ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ, ୨୩।୪(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତର ଶ୍ରୀ ମାଣିଖଣ୍ଡି ମହାପୁରୁଷଙ୍କ ବିଜେସ୍ଥଳୀରେ ଗତ ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଚତୁର୍ଥ ଦିବସରେ ପହଞ୍ଚିଛି। ରବିବାର ଅଙ୍କୁରାରୋପଣ କରାଯାଇଥିଲା। ସୋମବାର ଏକ କଳସ ଶୋଭାଯାତ୍ରରେ ନିକଟସ୍ଥ ପାଟନାଳୀର ଭିତରଶନଠାରୁ ପୂର୍ଣ୍ଣ ଜଳ କଳସ ଅଣାଯାଇ ଯଜ୍ଞସ୍ଥଳରେ ସ୍ଥାପନ ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଦୀର୍ଘ ସାତ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ଯଜ୍ଞରେ ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜା ସହ ମଣ୍ଡଳସ୍ଥ ଦେବଦେବୀଙ୍କ ପୂଜାର୍ଚ୍ଚନାରେ ପଞ୍ଚକୁଣ୍ଡ ଯଜ୍ଞାରମ୍ଭ ଓ ଆହୁତି ପ୍ରଦାନ ହୋଇଥାଏ। ବରେନ୍ଦ୍ର ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ନଳିନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଯଜ୍ଞ କମିଟି ପକ୍ଷରୁ ପ୍ରତ୍ୟହ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଓ ପ୍ରବଚନ କରାଯାଇଛି। ଏହି ଯଜ୍ଞାନୁଷ୍ଠାନ ଆସନ୍ତା ୨୬ ତାରିଖ ରବିବାର ପୂର୍ଣ୍ଣାହୁତି ପରେ ଉଦ୍‌ଯାପିତ ହେବ। ଶ୍ରୀ ମାଣିଖଣ୍ଡି ମଠ ଓ ସୀତାରାମ ଆଶ୍ରମର ମଠାଧୀଶ ଶ୍ରୀଧର ମହାରାଜ ଏବଂ ଯଜ୍ଞ ପରିଚାଳନା କମିଟି ସଭାପତି ବନମାଳୀ ପ୍ରସାଦ ଦୁବେ, ସମ୍ପାଦକ ଅନିରୁଦ୍ଧ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯଜ୍ଞ ପରିଚାଳନାରେ ବ୍ରଜସୁନ୍ଦର ମହାନ୍ତି, ବିଭୁ ପ୍ରସାଦ ବେହେରା, ପରମାନନ୍ଦ ବେହେରା, ସୁରେନ୍ଦ୍ର ମହାନ୍ତି, କୁଳମଣି ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।

# କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ ଟଙ୍କା ଉଠାକୁ ନେଇ ଗଣ୍ଡଗୋଳ

## ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

ଆଳି, ୨୩।୪(ବନମାଳୀ ସେନାପତି )

କେନ୍ଦ୍ରାପଡ଼ା ଜିଲା ଆଳି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାରେ ଗୁରୁବାର ମଧ୍ୟାହ୍ନରେ ଟଙ୍କା ଉଠାଣକୁ ନେଇ ଜଣେ ଗ୍ରାହକ ଓ ଜଣେ ସମ୍ପାଦକଙ୍କ ମଧ୍ୟରେ ହାତାହାତି ହୋଇଛି। ଏହାକୁ ନେଇ ଆଳି ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଦେସାହି ସମବାୟ ସମିତିର ପୂର୍ବତନ ସଭାପତି ସରୋଜ ଜେନା ଆଳି ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ ଗୁରୁବାର କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାକୁ ଯାଇ କ'ଣ ପାଇଁ ତାଙ୍କର ଟଙ୍କା ଉଠି ପାରୁନି ବୋଲି ପଚାରିଥିଲେ। ଏହି ସମୟରେ ବ୍ୟାଙ୍କ ପରିସରରେ ଥିବା ଗୋବିନ୍ଦପୁର ସମବାୟ ସମିତି ସମ୍ପାଦକ ବିରଜା ପ୍ରସାଦ ଦାସ ତାଙ୍କୁ ଆକ୍ରମଣ କରିଥିଲେ। ଏହା ସହସହ ତାଙ୍କ ସ୍ତ୍ରୀଙ୍କୁ ମଧ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷେ ବ୍ୟାଙ୍କ ପରିଚାଳକ ଚୈତନ୍ୟ ପ୍ରସାଦ ମାଝୀ ଦେଇଥିବା ଅଭିଯୋଗ ଅନୁଯାୟୀ ଗୁରୁବାର ଅପରାହ୍ନ ପ୍ରାୟ ୨ଟା୩୦ରେ ସେ ବ୍ୟାଙ୍କରେ କାମ କରୁଥିବା ବେଳେ ସରୋଜ ଜେନା ସେଠାରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ ବିରଜା ପ୍ରସାଦ ଦାସ ଏହାର ପ୍ରତିବାଦ କରିଥିଲେ। ଏହାକୁ ନେଇ ବିରଜା ଓ ସରୋଜଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ଘଟଣାକୁ ନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଆଇଆଇସି ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ କହିଛନ୍ତି ବ୍ୟାଙ୍କରେ ଘଟିଥିବା ଘଟଣାକୁ ନେଇ ଉଭୟ ପକ୍ଷ ପରସ୍ପର ବିରୋଧରେ ଅଭିଯୋଗ କରିଛନ୍ତି। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ବ୍ୟାଙ୍କର ସିସି କ୍ୟାମେରା ଯାଞ୍ଚ କରାଯିବ। ଏଥିସହ ଅଭିଯୋଗ ଆଧାରରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ମାମଲା ରେଜିଷ୍ଟ୍ରି ହୋଇନାହିଁ।

## ଲୁଟୁ ଦାସ ନିଖୋଜ ଘଟଣା

# ୪ ମାସ ବିତିଲା, ପୋଲିସ କାର୍ଯ୍ୟାନୁଷ୍ଠାନ ନାହିଁ

କେନ୍ଦ୍ରାପଡା, ୨୩।୪ (ଜଗନ୍ନାଥ ଧଳ)

୧୭ ଡିସେମ୍ବର ୨୦୨୫ରେ ଗ୍ୟାଙ୍ଗଷ୍ଟର ଦେବୀପ୍ରସାଦ ଦାସ ଓରଫ ଲୁଟୁ ଦାସ ନିଖୋଜ ହୋଇଯାଇଥିଲେ । ଏନେଇ ସେହି ମାସ ୨୫ ତାରିଖରେ ମାର୍ଶାଘାଇ ଥାନାରେ ଅଭିଯୋଗ ପତ୍ର ଦିଆଯାଇଥିଲା । ଏହି ଘଟଣାକୁ ଇତିମଧ୍ୟରେ ୪ ମାସ ବିତିଛି । ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଏପରି ଅଭିଯୋଗ ଲିଟୁଙ୍କ ମା' ମାର୍ଶାଘାଇ ଥାନା ଗରଜଙ୍ଗା ଗ୍ରାମର ବିଜୟଲକ୍ଷ୍ମୀ ଦାସ ଆଣିଛନ୍ତି। ଏ ସମ୍ପର୍କରେ ନ୍ୟାୟ ପାଇଁ ଲଢ଼େଇ ପରିବାର ସଙ୍ଗଠନ ସହଯୋଗରେ ଗୁରୁବାର ସହରର ଏକ କଲ୍ୟାଣ ମଣ୍ଡପରେ ଲିଟୁଙ୍କ ମା' ବିଜୟଲକ୍ଷ୍ମୀ ଏକ ଖବରଦାତା ସମ୍ମିଳନୀ କରି କ୍ଷୋଭ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଲିଟୁ ବାଇକ୍ (ଓଆର ୦୫ ଏସି ୭୮୦୮)ରେ ଡିସେମ୍ବର ୧୭ରେ ଘରୁ ବାହାରି ଯାଇଥିଲେ। ସେହିଦିନୁ ସେ ଆଉ ଘରକୁ ଫେରି ନାହାନ୍ତି। ଏନେଇ ବାରମ୍ବାର ଥାନା ଓ ଜିଲା ପୋଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନ ହେଲେ ପରିବାର ସଦସ୍ୟମାନେ ମାନସିକ ଭାରସାମ୍ୟ ହରାଇବେ ବୋଲି ଏହି ଖବରଦାତା ସମ୍ମିଳନୀରେ ବିଜୟଲକ୍ଷ୍ମୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ପରିବାର ସଦସ୍ୟଙ୍କ ସହ ନ୍ୟାୟ ପାଇଁ ଲଢ଼େଇ ପରିବାର ସଙ୍ଗଠନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସ ଉପସ୍ଥିତ ଥିଲେ।

# ତୃଣମୂଳସ୍ତରରୁ ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

## ଭାଜପାର ବନ୍ଧୁମିଳନ

ଡେରାବିଶ, ୨୩।୪(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ବଡକୋଶିଦା ଗ୍ରାମର ଆରାଧ୍ୟ ଅଗସ୍ତି ମହାପୁରୁଷଙ୍କ ପୀଠରେ ଚାନ୍ଦୋଳ ଭାଜପା ମଣ୍ଡଳ ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପ୍ରମୁଖ ଅଜୟ ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ କାର୍ଯ୍ୟକର୍ତ୍ତା ସୀମାଦ୍ରି ଶେଖର ପରିଡ଼ା, ମଣ୍ଡଳ କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ବାରିକ, ସମରେନ୍ଦ୍ର ଜେନା ଓ ସନ୍ତୋଷ ତ୍ରିପାଠୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହି ଅବସରରେ ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରି ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲଢ଼ିବାକୁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ପଞ୍ଚାୟତ ସହ ପ୍ରମୁଖ କେଶବ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।


ବନ୍ଧୁମିଳନରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀ।

# କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଗଣଧାରଣା

ରାଜନଗର, ୨୩।୪(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଅଧୀନ ୧୪ଟି ସେବା ସମବାୟ ସମିତିର କର୍ମଚାରୀମାନେ ଗୁରୁବାର ୪ ଦଫା ଦାବିନେଇ ରାଜନଗରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଶାଖା ସମ୍ମୁଖରେ ଗଣଧାରଣାରେ ବସିଥିଲେ। ବ୍ୟାଙ୍କର ସୁପରଭାଇଜର ବିକାଶ ପ୍ରସାଦ ସିଂଙ୍କୁ ପୁନଃ ଅବସ୍ଥାପିତ କରିବା, ୨୦୨୧ ମସିହାରେ ହୋଇଥିବା ଫସଲବୀମା କ୍ଷୟକ୍ଷତିର ରାଶି ତୁରନ୍ତ ପ୍ରଦାନ, ରାଜନଗରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଶାଖାରେ ଆବଶ୍ୟକ ଟଙ୍କା ମହଜୁଦ ରଖିବା, ଏନ୍‌ଇଏଫ୍‌ଟି ଦିନକୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଟ୍ରାନ୍ସଫର କରିବା ଆଦି ଦାବି ନେଇ ସମବାୟ ସମିତି କର୍ମଚାରୀ ସଂଘ ସଭାପତି ନୀଳମଣି ପ୍ରଧାନ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା, ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ, ଅଲେଖ ଚନ୍ଦ୍ର ବେହେରା, ପ୍ରକାଶ କୁମାର ଜେନା, ଅମର କୁମାର ବଳ, ସତ୍ୟ ନାରାୟଣ ନାୟକ, ଯୋଗେନ୍ଦ୍ର କୁମାର ବାରିକ, ସୁକାନ୍ତ କୁମାର ବେହେରା, ଗିରିଶ କୁମାର ଜେନା, ଭୀଷ୍ମ କୁମାର ନାୟକ ପ୍ରମୁଖ ଧାରଣାରେ ବସିଥିଲେ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଭାତ କାନୁନ୍‌ଗୋ ଫୋନ ଯୋଗେ ସେବା ସମବାୟ ସମିତି କର୍ମଚାରୀ ସଂଘ ସହ ଆଲୋଚନା କରିଥିଲେ। ସୋମବାର ସୁଦ୍ଧା ୪ଟି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୋମବାର ସୁଦ୍ଧା ଦାବି ପୂରଣ ନ ହେଲେ ଆଗାମୀ ୨୯ ତାରିଖ ବୁଧବାର ପୁଣି ଧାରଣାରେ ବସିବୁ ବୋଲି ସମ୍ପାଦକ ଜେନା ସୂଚନା ଦେଇଛନ୍ତି।


ଧାରଣାରତ ସମବାୟ ସମିତି କର୍ମଚାରୀ ସଂଘ ସମ୍ପାଦକ, ସହ-ସମ୍ପାଦକ ଓ କର୍ମଚାରୀ।

# ସମଗ୍ର ଶିକ୍ଷା ସାମାଜିକ ସମୀକ୍ଷା ବ୍ଲକ୍‌ସ୍ତରୀୟ ଜନଶୁଣାଣି

ନୂଆଗାଁ, ୨୩।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ସମଗ୍ର ଶିକ୍ଷା ସାମାଜିକ ସମୀକ୍ଷା ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ବର୍ଷ ୨୦୨୩-୨୪ ଓ ୨୦୨୪-୨୫ ସମଗ୍ର ଶିକ୍ଷା ଯୋଜନା ଅଧୀନରେ ସାମାଜିକ ସମୀକ୍ଷକମାନଙ୍କ ଦ୍ୱାରା ପ୍ରାଥମିକ ଭାବେ ୨୬ ସ୍କୁଲର ବିଭିନ୍ନ ଦିଗରୁ ସମୀକ୍ଷା କରାଯାଇଥିଲା। ସମଗ୍ର ଶିକ୍ଷା ଯୋଜନାରେ ସ୍କୁଲଗୁଡ଼ିକର ବିଭିନ୍ନ ସମସ୍ୟା, ସରକାର ଯୋଗାଇ ଦେଉଥିବା ଅନୁଦାନର ଠିକ୍ ବିନିଯୋଗ, ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା ସ୍କୁଲଗୁଡ଼ିକରେ ବିଭିନ୍ନ ରେଜିଷ୍ଟରରେ ଠିକ୍ ବ୍ୟବହାର ଏବଂ ସର୍ବୋପରି ସ୍କୁଲରେ ଶିକ୍ଷାଦାନର ବିକାଶ ତଥା ବିଦ୍ୟାଳୟର ବିକାଶ ନିମନ୍ତେ ଆବଶ୍ୟକ ଉପକରଣ ପୂରଣ କରିବା ହେଉଛି ସାମାଜିକ ସମୀକ୍ଷାର ମୂଳ ଲକ୍ଷ୍ୟ। ତେଣୁ ସାମାଜିକ ସମୀକ୍ଷା ଠିକ୍ ଭାବେ ହୋଇପାରିଲେ ନିଶ୍ଚିତ ଭାବେ ସ୍କୁଲର ବିକାଶ ସାଙ୍ଗକୁ ଶିକ୍ଷାଦାନର ବିକାଶ ହୋଇପାରିବ ବୋଲି ଜିଲା ସାମାଜିକ ସମୀକ୍ଷକ ବିଜୟ ବଳିୟାରସିଂ ଉପସ୍ଥିତ ଥିବା ଶିକ୍ଷକ ଓ ଅଭିଭାବକମାନଙ୍କୁ ବୁଝାଇଥିଲେ। ତେବେ ସାମାଜିକ ସମୀକ୍ଷା ଜରିଆରେ କାହାରିକୁ ଦୋଷ ଦେଇ ଫାଇନ୍ ଆଦାୟ କରିବା ନୁହେଁ, ବରଂ ସମସ୍ୟା ସମାଧାନ ଦିଗରେ ସାମାଜିକ ସମୀକ୍ଷା ସହାୟକ ହେବ ବୋଲି ବଳିୟାରସିଂ କହିଥିଲେ। ସାମାଜିକ ସମୀକ୍ଷାରେ ଅନେକ ସ୍କୁଲରେ ଖେଳପଡ଼ିଆ, ସୁରକ୍ଷା ପାଇଁ ପାଚେରି, ପାନୀୟ ଜଳର ବ୍ୟବସ୍ଥା, ଛାତ୍ରୀଛାତ୍ରଙ୍କ ବସିବା ନିମନ୍ତେ ଡେସ୍କ ଆଦିର ଅଭାବ ରହିଥିବା ଜଣାପଡ଼ିଥିଲା। ତେବେ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖି ଜଣାଇବା ପାଇଁ ବ୍ଲକ ଶିକ୍ଷାଧିକାରୀ ଭକ୍ତି ବିନୋଦ ସଲ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ଦୁର୍ଦ୍ଧୁରା ନୋଡାଲ ୟୁପି ସ୍କୁଲରେ ମଧ୍ୟାହ୍ନଭୋଜନ ରୋଷେଇ ଘର, ସାଇକେଲ ଷ୍ଟାଣ୍ଡ, କମ୍ପ୍ୟୁଟର ଗୃହ ଆଦି ଅନେକ ଅଭାବ ରହିଥିବା ଅଭିଭାବକ ଜଣାଇଥିଲେ। କୋରଡ଼ା ଭରତ ନୋଡାଲ ସ୍କୁଲରେ ସୁରକ୍ଷା ଅଭାବରୁ ସ୍କୁଲରୁ ବାରମ୍ବାର ଚୋରି ହେଉଥିବା ନେଇ ପ୍ରଧାନଶିକ୍ଷକ ଅଭିଯୋଗ କରିଥିଲେ। ଖାଲମଡ଼ା ରାମେଶ୍ୱର ନୋଡାଲ ସ୍କୁଲରେ ଖେଳ ସାମଗ୍ରୀ, ଫାଷ୍ଟଏଡ୍ ଆଦି ନ ଥିବା ନେଇ ସାମାଜିକ ସମୀକ୍ଷା ରିପୋର୍ଟ ଲେଖାଯାଇଥିଲେ ମଧ୍ୟ ରିପୋର୍ଟକୁ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ ଅସ୍ୱୀକାର କରିବାରୁ ତାହାକୁ ପୁନର୍ବାର ତଦନ୍ତ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ ସଲ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୂଆଗାଁ ଏବିଡିଓ ମୀନକେତନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ସଲ, ଜିଲା ସାମାଜିକ ସମୀକ୍ଷକ ବଳିୟାରସିଂ, ନୂଆଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ଭୀମସେନ ଦାସ, ବ୍ଲକ ସାମାଜିକ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳବେହେରା, ଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।


ଜନଶୁଣାଣି ଶିବିରରେ ମଞ୍ଚାସୀନ ଅତିଥିମାନେ।

# ସ୍କୁଲ ଛୁଟି ୨ ଦିନ ବଢ଼ିଲା

ନୟାଗଡ଼, ୨୩।୪ (ଲୋକନାଥ ମିଶ୍ର)

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲା ପ୍ରଶାସନ ଜିଲାର ସମସ୍ତ ବିଦ୍ୟାଳୟଗୁଡ଼ିକୁ ଚଳିତ ମାସ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଥିଲେ। ତେବେ ୨୩ ତାରିଖରେ ପୁଣି ୨୪ ଓ ୨୫ ତାରିଖ ଦୁଇ ଦିନ ଛୁଟି ବର୍ଦ୍ଧିତ କରିଛନ୍ତି। ଜିଲାପାଳଙ୍କ ଆଦେଶ କ୍ରମେ ଜିଲା ଶିକ୍ଷାଧିକାରୀ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଛୁଟି ରହିବ ବୋଲି ଘୋଷଣା କରିଛନ୍ତି। ତେବେ ଏହି ସମୟ ମଧ୍ୟରେ ବିଦ୍ୟାଳୟ ଅଫିସ ଖୋଲା ରହିବା ସହିତ ପିଲାଙ୍କ ନାମଲେଖା, ପରୀକ୍ଷାକାର୍ଯ୍ୟ ତଥା ଜନଗଣନା ଯଥାରୀତି ଚାଲିବା ସହିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଆସିବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ଅନୁରୂପ ଭାବେ ବନ୍ଦ ରହିବ।

# ଶତ୍ରୁଘ୍ନ ଉଚ୍ଚ ବିଦ୍ୟାଳୟର ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ


ବନ୍ଧୁ ମିଳନରେ ଯୋଗଦେଇଥିବା ଛାତ୍ରୀଛାତ୍ର ।

ଓଡ଼ଗାଁ, ୨୩।୪ (ନାରାୟଣ ପାଣିଗ୍ରାହୀ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପାଣ୍ଡେରିପଡ଼ା ଶତ୍ରୁଘ୍ନ ଉଚ୍ଚ ବିଦ୍ୟାଳୟର ୧୯୯୯ ମାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରମାନେ ବାବା ଦୃତିକେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଥିବା ଅତିଥି ଭବନରେ ବନ୍ଧୁମିଳନ ଉତ୍ସବ ପାଳନ କରିଛନ୍ତି। ସଭାପତି ମିନତି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନୋରଞ୍ଜନ ପଣ୍ଡା, ମଗୁଲୁ ଓ ଯୁଧିଷ୍ଠିରଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଦୀର୍ଘ ଦିନର ପ୍ରୟାସ ପରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ସଫଳ ହୋଇପାରିଛି। ୨୦ ଜଣ ଛାତ୍ରୀଛାତ୍ରଙ୍କ ସହିତ ସେମାନଙ୍କ ପରିବାର ଲୋକମାନେ ଏକତ୍ରିତ ହୋଇ ବେଶ କିଛି ମୁହୂର୍ତ୍ତ ଆନନ୍ଦ ଉଲ୍ଲାସର ସହିତ ବିତାଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯଥା ନବକିଶୋର ସାହୁ, ପବିତ୍ର ମୋହନ ମିଶ୍ର, ଇନ୍ଦ୍ରମଣି ପରିଡ଼ା, ନୟନା ସ୍ୱାଇଁ, ପ୍ରହଲ୍ଲାଦ ସାହୁ, କିରାଣି ବ୍ରଜବନ୍ଧୁ ପରିଡ଼ା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ସତ୍ୟନାରାୟଣ ପରିଡ଼ା ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଆଶୀର୍ବଚନ ପ୍ରଦାନ କରିବା ସହିତ ସମୟାନୁବର୍ତ୍ତୀ ହେବା ସହିତ ସତ୍ ପଥରେ ପରିଚାଳିତ ହେବା ପାଇଁ ଉପଦେଶ ଦେଇଥିଲେ। ପରିଶେଷରେ ଶ୍ରେଷ୍ଠ କାର୍ଯ୍ୟ ପାଇଁ ପୁରସ୍କାର ବିତରଣ କରିବା ସହିତ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ କରାଯାଇଥିଲା।

# ସର୍ଜିକାଲ ଆସ୍ପିରେଟର ମେଶିନ ଉଦ୍‌ଘାଟିତ

ବ୍ରହ୍ମପୁର, ୨୩।୪ (ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲରେ ସର୍ଜିକାଲ ଆସ୍ପିରେଟର ମେଶିନ ନଥିବାରୁ ମସ୍ତିଷ୍କ ଟ୍ୟୁମର ବାହାର କରିବାରେ ଅସୁବିଧା ହେଉଥିଲା। ନ୍ୟୁରୋସର୍ଜରି ବିଭାଗରେ ନୂତନ କାଭିଟ୍ରୋନ ଅଲଟ୍ରାସୋନିକ ସର୍ଜିକାଲ ଆସ୍ପିରେଟର ମେସିନର ଗୁରୁବାର ଉଦଘାଟନ କରାଯାଇଛି। ଏହି ଅତ୍ୟାଧୁନିକ ଯନ୍ତ୍ରପାତି ଜରିଆରେ ଶରୀରର ବିଭିନ୍ନ ସ୍ଥାନରେ ହେଉଥିବା ଟ୍ୟୁମରର ସହଜରେ ଅସ୍ତ୍ରୋପଚାର କରାଯାଇପାରିବ ବୋଲି ବିଭାଗୀୟ ମୁଖ୍ୟ ଡା.ରବିନାରାୟଣ ପଣ୍ଡା କହିଛନ୍ତି। ଦିନକରେ ଅଧିକରୁ ଅଧିକ ଟ୍ୟୁମର ଜନିତ ଅସ୍ତ୍ରୋପଚାର କରିବାରେ ଏହା ସହାୟକ ହେବ । ଉକ୍ତ ଅସ୍ତ୍ରୋପଚାର ବାଇପଲାର ଓ ସକ୍ସନ ପଦ୍ଧତିରେ କରାଯାଉଛି। ଏହି ମେସିନ ଆସିବା ପରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ରୋଗୀଙ୍କୁ କମ୍ ସମୟରେ ବହୁ ଜଟିଳ ଅସ୍ତ୍ରୋପଚାର କରିବ। ଏହାସହ ସାଧାରଣ ଟିସୁକୁ ପ୍ରଭାବିତ ନକରି କ୍ଷତିକାରକ ଟିସୁର ଚିକିତ୍ସା କରିବାରେ ସହାୟକ ହେଉଛି। ୨୦୧୮ରୁ ଏହି ମେସିନ ଆସିଥିଲା। କିନ୍ତୁ ସର୍ଜରି ବିଭାଗରେ ମାନବ ସମ୍ବଳ କାରଣରୁ ଏହାକୁ କାର୍ଯ୍ୟକ୍ଷମ କରାଯାଇପାରୁନଥିଲା। ଆନାଟୋମି ବିଭାଗର ମୁଖ୍ୟ ଜେ.ସାଗର ପୃଷ୍ଟି, ନିଶ୍ଚେତକ ବିଭାଗର ମୁଖ୍ୟ ଡା.ସଞ୍ଜୀବ ପାତ୍ରଙ୍କ ସମେତ ବିଭାଗର ଅନେକ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ଗୃହରେ ଚାଲିଛି ଖଳିସାହି ସେବା ସମବାୟ ସମିତି କାର୍ଯ୍ୟାଳୟ

ଖଣ୍ଡପଡ଼ା, ୨୩।୪ (ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ ଖଳିସାହି ସେବା ସମବାୟ ସମିତି କାର୍ଯ୍ୟାଳୟଟି ଦୀର୍ଘ ବର୍ଷ ଧରି ଏକ ବିପଦସଙ୍କୁଳ ଗୃହରେ ଚାଲିଥିବା ଜଣାପଡିଛି। ଖଳିସାହି ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥ ଏକ ଟିଣଛପର ଗୃହରେ ୧୯୫୬ରେ ଉକ୍ତ ସେବା ସମବାୟ ସମିତି କାର୍ଯ୍ୟାଳୟଟି ଅଞ୍ଚଳବାସୀଙ୍କ ପ୍ରଚେଷ୍ଟାକ୍ରମେ କାର୍ଯ୍ୟ ଆରମ୍ଭ କରିଥିଲା। ଦୀର୍ଘ ୬୯ ବର୍ଷ ପରେ ମଧ୍ୟ ସେବା ସମବାୟ ସମିତି କାର୍ଯ୍ୟାଳୟଟି ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ଚାଲିଥିବା ପରିଲକ୍ଷିତ ହେଉଛି। କାର୍ଯ୍ୟାଳୟ ପରିସରରେ ସ୍ଥାନାଭାବରୁ ସେଠାରେ କାର୍ଯ୍ୟରତ କର୍ମଚାରୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବର୍ଷାଦିନେ ଟିଣ ଛପର ଗୃହରୁ ପାଣି ଗଳୁଥିବାରୁ କର୍ତ୍ତୃପକ୍ଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ପ୍ରତିବର୍ଷ ଉକ୍ତ ସେବା ସମବାୟ ସମିତିରେ ପ୍ରଶାସନ ପକ୍ଷରୁ ଧାନମଣ୍ଡି ଖୋଲୁଥିବା ବେଳେ ସ୍ଥାନାଭାବରୁ ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥ ଜାଗା ଓ ନିକଟସ୍ଥ ବଡ ପଡିଆରେ ଚାଷୀମାନଙ୍କଠାରୁ ମିଲର କର୍ତ୍ତୃପକ୍ଷ କୁଇଣ୍ଟାଲ କୁଇଣ୍ଟାଲ ଧାନ କ୍ରୟ କରିଥାନ୍ତି। ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଓ ବାହାରେ ସ୍ଥାନାଭାବ ପରିଲକ୍ଷିତ ହେଉଥିବାରୁ ସାଧାରଣରେ ଓ ସ୍ଥାନୀୟ ଅଞ୍ଚଳର ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେବା ସମବାୟ ସମିତି କାର୍ଯ୍ୟାଳୟର ଉନ୍ନତୀକରଣ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନତୁବା ଲୋକ ପ୍ରତିନିଧିମାନେ କେହି ହେଲେ ଧ୍ୟାନ ଦେଉନଥିବା ଜଣାପଡିଛି।

# ଏମ୍‌କେସିଜିର ରେଜିଷ୍ଟ୍ରାର ହେବେ ଡ. ଶ୍ୱେତ ଦାଶ

ବ୍ରହ୍ମପୁର, ୨୩।୪ (ସୁବାସ ଚନ୍ଦ୍ର ପାଢ଼ୀ)



ଏମକେସିଜି ମେଡିକାଲ କଲେଜ ଓ ହସପିଟାଲର ନୂତନ ରେଜିଷ୍ଟ୍ରାର ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. ଶ୍ୱେତ କୁମାର ଦାଶଙ୍କ ବଦଳି ହୋଇଛି। ଏହା ପୂର୍ବରୁ ସେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସଚିବ ଭାବେ କାର୍ଯ୍ୟ କରୁଥିଲେ। ଆଜକୁ ୨ ମାସ ତଳେ ଏମକେସିଜି ମେଡିକାଲରେ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ଓଏଏସ ଅଧିକାରୀ ସଂଗ୍ରାମ ପଣ୍ଡା ପଦୋନ୍ନତି ପାଇ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି ହୋଇ ଚାଲିଯାଇଥିଲେ। ତାଙ୍କ ସ୍ଥାନରେ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କୁ ଏମକେସିଜି ପଠା ଯାଇଥିଲା। ହେଲେ କୌଣସି କାରଣରୁ ସେ କାର୍ଯ୍ୟରେ ଯୋଗ ଦେଇନଥିଲେ। ଫଳରେ ସେବେଠାରୁ ଏହି ପଦ ଖାଲି ପଡିଥିଲା। ରେଜିଷ୍ଟ୍ରାର ନଥିବାରୁ ଏମକେସିଜିର ବିଭିନ୍ନ ସରକାରୀ କାର୍ଯ୍ୟରେ ସମସ୍ୟା ଉପୁଜୁଛି। ଏମକେସିଜିରେ କିଛି ଦିନ ହେବ ଅଧୀକ୍ଷକ ପଦ ମଧ୍ୟ ଖାଲିପଡିଛି। ସେହିକ୍ରମରେ ଏମକେସିଜିର ନୂତନ ରେଜିଷ୍ଟ୍ରାର ଯଥାସମ୍ଭବ କାର୍ଯ୍ୟରେ ଯୋଗଦେବେ ବୋଲି କୁହାଯାଉଛି।

# କଂଗ୍ରେସ, ବିଜେଡିର ମହିଳା ବିରୋଧୀ ମାନସିକତାକୁ ନିନ୍ଦା


ମହିଳା ଓ ଯୁବତୀମାନଙ୍କ କଂଗ୍ରେସ ଓ ବିଜେଡି ବିରୋଧରେ ନାରାବାଜି।

ବ୍ରହ୍ମପୁର, ୨୩।୪ (ଅଶୋକ କୁମାର ସାହୁ)

ବ୍ରହ୍ମପୁର ଠାରେ ସାଧାରଣ ମହିଳା ଯୁବତୀ ଓ ଛାତ୍ରୀଙ୍କ ଦ୍ୱାରା ବିଜେଡ଼ି,କଂଗ୍ରେସ ସମେତ ଇଣ୍ଡି ମେଣ୍ଟ ବିରୋଧରେ ନାରାବାଜି ହୋଇଛି। ମହିଳା ଆରଂକ୍ଷଣ ବିଲ ଯେଉଁ ଭାବରେ ପ୍ରତ୍ୟାଖାନ ହେଲା ତା' ବିରୁଦ୍ଧରେ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହିଳା ଆରକ୍ଷଣ ବିଲକୁ ୨୩୦ ସାଂସଦ ବିରୋଧ କରିଥିଲେ ଫଳରେ ବିଲ ଟି ଖାରଜ ହୋଇଥିଲା । ମୋଦି ସରକାର ମହିଳା ମାନଙ୍କୁ ସୁଦୃଢ କରିବା ପାଇଁ ଯେଉଁ ବିଲ ଆଣିଥିଲେ ତାହା ଖାରଜ ହେଲାପରେ କଂଗ୍ରେସ ଓ ଇଣ୍ଡି ମେଣ୍ଟର ସଦସ୍ୟମାନେ ଏହାକୁ ସ୍ୱାଗତ କରିଥିଲେ। ଏଥିରୁ ହିଁ ଇଣ୍ଡି ମେଣ୍ଟ ସଦସ୍ୟମାନଙ୍କ ମାନସିକତା ମହିଳା ମାନଙ୍କ ବିରୋଧୀ ବୋଲି ଜଣାପଡିଥିଲା। ମାଆ ମାନଙ୍କ ବଳ ମହିଳା ମାନଙ୍କ ବଳର ଆହ୍ୱାନ ଦେଉଥିବା ବିଜେଡ଼ି ଆଜି କେଉଁଭଳି ଭାବରେ ଇଣ୍ଡି ମେଣ୍ଟ ସହ ସମ୍ପର୍କ ରଖି ସୁଚିନ୍ତିତ ଯୋଜନା ମାଧ୍ୟମରେ ଏହି ବିଲ କୁ ଖାରଜ କରିବାରେ ସମର୍ଥନ ଜଣାଇଛି । ଗାଁ ଗାଁରୁ ନଗର ନଗରରୁ ଆଜି ସମସ୍ତଙ୍କର ବିରୋଧ ଆଚରଣ ଦେଖିବାକୁ ମିଳିଛି ଯେ କିଭଳି ଭାବରେ କଂଗ୍ରେସ ବିଜେଡ଼ିର ଘୃଣ୍ୟ ମାନସିକତା ମହିଳା ବିରୋଧି ମାନସିକତାକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି।

# ପୁଅ ଚିକିତ୍ସିତ ହେଉଥିବା ବେଳେ ବାପାଙ୍କ ମୃତ୍ୟୁ

# ଆଖି ବୁଜିଲେ ଜଣାଶୁଣା ସାମାଜିକ କର୍ମୀ

ନୟାଗଡ଼/ରଣପୁର, ୨୩।୪ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଘରେ ବାପା ତଥା ଚାନ୍ଦପୁର ଅଞ୍ଚଳର ଜଣାଶୁଣା ସାମାଜିକକର୍ମୀ କୈଳାସ ଚନ୍ଦ୍ର ବେହେରା(୭୪)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ବାପାଙ୍କ ଦୁଃଖଦ ଖବର ଶୁଣି ପୁଅ ତାପସ ଶେଷ ଦର୍ଶନ କରିବାକୁ ଆସିପାରୁ ନାହାନ୍ତି।



# ଡାକ ବିଭାଗରେ ଅଗ୍ନିଶମ କର୍ମଚାରୀଙ୍କ ମକଡ୍ରିଲ

ବ୍ରହ୍ମପୁର, ୨୩।୪ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମୁଖ୍ୟ ଡାକ ବିଭାଗ ବହୁ ମହଲା କୋଠା ସମ୍ମୁଖରେ ଗୁରୁବାର ଅଗ୍ନିଶମ ବିଭାଗ ମକଡ୍ରିଲ କରିଛି। ଅଗ୍ନି ପ୍ରତିରୋଧ, ଜୀବନ ରକ୍ଷା ନେଇ ପ୍ରଶିକ୍ଷଣ ଦିଆଯାଇଥଲା। ଡାକ ବିଭାଗ ବହୁ ମହଲା କୋଠାରେ ନିଆଁ ଲାଗିଲେ କିଭଳି ଆୟତ୍ତ କରାଯିବ , ସେଠାରେ କାର୍ଯ୍ୟରତ କର୍ମଚାରୀ , ବିଭିନ୍ନ କାମରେ ଆସିଥିବା ଗ୍ରାହକ ହେଉଥିବା ମାନଙ୍କୁ କିପରି ସୁରକ୍ଷିତ ଭାବେ ସେଠାରୁ ଉଦ୍ଧାର କରିହେବ ସେନେଇ ଅଗ୍ନିଶମ ଅଧିକାରୀ ମାନେ ସେମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଲୋକମାନଙ୍କୁ ଖୁବଶୀଘ୍ର ସୁରକ୍ଷା ଦେବା ପାଇଁ ୫କୋଟି ଟଙ୍କାର ଏକ ଅତ୍ୟାଧୁନିକ ସ୍ୱଓତନ୍ତ୍ର ହାଇଡ୍ର ଲିକ ପ୍ଲାଟଫର୍ମ ଗାଡି ରହିଛି। ଏହି ଗାଡି ରେ ଥିବା ହାଇଡ୍ରଲିକ ମେସିନ ସହାୟତାରେ ୧୧ ମହଲା ବିଶିଷ୍ଟ କୋଠାରେ ନିଆଁ ଲାଗିଥିଲେ ମଧ୍ୟ ଖୁବଶୀଘ୍ର ନିଆଁକୁ ଆୟତ୍ତ କରାଯାଇପାରିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗାଡି ସାହାଯ୍ୟରେ ନିଆଁ କୁ ଆୟତ୍ତ କରାଯିବା ସହ ଅନ୍ୟ କୌଣସି ଅଘଟଣ ବେଳେ ସେଠାରେ ଫସି ରହିଥିବା ଲୋକମାନଙ୍କୁ ମଧ୍ୟ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ଉପାଦେୟ ହୋଇପାରିବ ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳାଇ ସୂଚନା ଦେଇଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଗଞ୍ଜାମ ଅତିରିକ୍ତ ଜିଲାପାଳ ଦାୟିତ୍ୱ

ବ୍ରହ୍ମପୁର, ୨୩।୪ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ କୁଳସଚିବ ସଚ୍ଚିଦାନନ୍ଦ ନାୟକଙ୍କୁ ଗଞ୍ଜାମ ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ମିଳିଛି । ସେ ନେଇ ଗୁରୁବାର ଚିଠି ନମ୍ବର ୧୨୭୦୨/ଏସସିଏସ ପ୍ରକାରେ ବିଜ୍ଞପ୍ତି ପ୍ରକାଶ ପାଇଛି। ନାୟକ ୨୦୨୩ ଜାନୁଆରୀ୪ ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ କୁଳସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହି ଦିନ ଠାରୁ ବିଶ୍ୱବିଦ୍ୟାଳୟର ସୂଚାରୁ ରୂପେ ଦାୟିତ୍ୱ ତୁଲାଇ ଆସୁଥିଲେ । ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ମିଳିବା ପରେ ସେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇ। ସହ ସରକାର ଯାହା ଦାୟିତ୍ୱ ଦେବେ ତାହାକୁ ସୂଚାରୁ ଭାବେ ତୁଲାଇବେ ବୋଲି କହିବା ସହ ଆସନ୍ତା ମାସ ପ୍ରଥମ ସପ୍ତାହରେ ଦାୟିତ୍ୱ ଗ୍ରହଣ କରିବେ ବୋଲି କହିଛନ୍ତି ।

# ନିର୍ବାଚନକୁ ପ୍ରଭାବିତ କରିବା ସରକାରଙ୍କ ଉଦ୍ଦେଶ୍ୟ ଥିଲା: କଂଗ୍ରେସ

ବ୍ରହ୍ମପୁର, ୨୩।୪
(ଅଶୋକ କୁମାର ସାହୁ)

ଗତ ୧୬ ଓ ୧୭ ତାରିଖ ସ୍ୱତନ୍ତ୍ର ଲୋକସଭା ଅଧିବେଶନ ହୋଇଥିଲା। ମହିଳା ସଂରକ୍ଷଣ ବିଲ, ଲୋକସଭା ଆସନ ବୃଦ୍ଧି ବିଲ, ୟୁନିୟନ ଟେରିଟୋରି ବିଲ୍ , ଉପସ୍ଥାପନ କରାଯାଇଥିଲା। ମହିଳା ସଂରକ୍ଷଣ ବିଲ ଓ ଲୋକସଭା ଆସନ ବୃଦ୍ଧି ବିଲ୍ ଦୁଇ ତୃତୀୟାଂଶ ସମର୍ଥନ ଲାଭ କରିପାରିଲାନାହିଁ। ସେଥିପାଇଁ ତାହା କାଟ ଖାଇଯାଇଥିଲା ବୋଲି ଦୁଇ ଦିନ ତଳେ କଂଗ୍ରେସର ଏକ ଖବରଦାତା ସମ୍ମିଳନୀରେ କୁହାଯାଇଥିଲା। ଏହି ସମ୍ମିଳନୀରେ ଯୋଗଦେଇଥିବା ପୂର୍ବତନ ବିଧାୟକ ରାଘବ ପରିଡା, ତ୍ରିନାଥ ବେହେରା, ଡିସିସି ଉପସଭାପତି ଅଶୋକ ପଟ୍ଟନାୟକ, ଡିସିସି ସାଧାରଣ ସମ୍ପାଦକ ଶଙ୍କର ଶୁବୁଦ୍ଧି, ପିସିସିର ଉପସଭାପତି ଜିତେନ୍ଦ୍ର ମହାପାତ୍ର ପ୍ରମୁଖ କହିଥିଲେ ଯେ, ଏହି ବିଲ୍ କାଟ ଖାଇଯିବାରୁ ନରେନ୍ଦ୍ର ମୋଦି କଂଗ୍ରେସ ଉପରେ ଦୋଷାରାପ କରିଛନ୍ତି। ମହିଳା ସଂରକ୍ଷଣ ବିଲ ପାରିତକୁ ନେଇ ଚକ୍ରାନ୍ତ ଥିଲା। ଦେଶରେ ଗୋଟିଏ ନିର୍ବାଚନ ଚାଲିଛି। ଆସନ୍ତା ୨୯ ତାରିଖ କେରଳ ଓ ପଶ୍ଚିମବଙ୍ଗ ଦୁଇଟି ରାଜ୍ୟର ନିର୍ବାଚନ ସରିବ। ମହିଳାଙ୍କ ଭୋଟ ହାତେଇ ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଥିଲା ଏହାର ଉଦ୍ଦେଶ୍ୟ। ୨୯ ପରେ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲେ ହୋଇନଥାନ୍ତା କି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ମହିଳାଙ୍କୁ ବିକାଶରେ ମୁଖ୍ୟସ୍ରୋତରେ ସାମିଲ କିରବାକୁ ଯଦି କେନ୍ଦ୍ର ଚାହୁଁଛନ୍ତି ଆମେ ହାତରେ ସମୟ ରହିଛି। ସେହି ବିଲର ସ୍ରଷ୍ଟା ହେଉଛନ୍ତି ପୂର୍ବତନ ପ୍ରଧାନ ମନ୍ତ୍ରୀ ରାଜୀବ ଗାନ୍ଧୀ। ମହିଳାଙ୍କ ବିକାଶ ହେଉଛି କଂଗ୍ରେସର ଲକ୍ଷ୍ୟ ବୋଲି ସମ୍ପୃକ୍ତ ନେତୃବୃନ୍ଦ କହିଥିଲେ।



ସମ୍ମିଳନୀରେ କଂଗ୍ରେସର ନେତୃବୃନ୍ଦ।

# ବାଲିପଦର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

ବୁଗୁଡ଼ା, ୨୩।୪ (କାଳିଚରଣ ଦାଶ)

## ଅଭିଯୋଗକୁ ପ୍ରଧାନଶିକ୍ଷୟିତ୍ରୀଙ୍କ ଖଣ୍ଡନ

ବୁଗୁଡ଼ା ବ୍ଲକ ବାଲିପଦରସ୍ଥିତ ଶ୍ରୀରଘୁନାଥ ସ୍ୱାମୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ବାଲିପଦର ଗ୍ରାମବାସୀ ଦୁର୍ନୀତି ଅଭିଯୋଗ ଆଣିଛନ୍ତି। ଏନେଇ ଗ୍ରାମବାସୀ ଜିଲାପାଳ, ଜିଲା ଶିକ୍ଷାଧିକାରୀ (ଡିଇଓ), ବୁଗୁଡ଼ା ବିଇଓ, ଚିନ୍ମୟ ମହାପାତ୍ର, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଜଣାଇଛନ୍ତି।

ପ୍ରଦତ୍ତ ଅଭିଯୋଗ ପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ, ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଙ୍କୁ ତିନି ମାସ ହେଲା ମଧ୍ୟାହ୍ନ ଭୋଜନ ମିଳୁନାହିଁ। ଗଚ୍ଛିତ ମଧ୍ୟାହ୍ନ ଭୋଜନ ଚାଉଳକୁ ବଜାର ଦରରେ ବିକ୍ରି କରିବାକୁ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମାଳା ସୁବୁଦ୍ଧି ବିକ୍ରି କରିଦେବାକୁ ମସୁଧା ଚଳାଇଛନ୍ତି। ଏଥି ସହ ସେ କଳା, କ୍ରୀଡା ଓ ହିନ୍ଦୀ ବିଷୟରେ ଶିକ୍ଷୟିତ୍ରୀ ପରିବର୍ତ୍ତେ ଶିକ୍ଷକ ଏବଂ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଜାଲ ନିଯୁକ୍ତି ଦେଇଛନ୍ତି। ସମ୍ପୃକ୍ତ ଶିକ୍ଷୟିତ୍ରୀମାନଙ୍କଠାରୁ ସେମାନଙ୍କ ପଦବୀ ଅନୁମୋଦନ ପାଇଁ ପ୍ରଧାନ ଶିକ୍ଷୟତ୍ରୀ ଲକ୍ଷାଧିକ ଟଙ୍କା ଆଦାୟ କରି ଆତ୍ମସାତ୍ କରିଥିବା ଗ୍ରାମବାସୀ କହିଛନ୍ତି। ଏସମ୍ପର୍କରେ ଅଭିଯୋଗ ହୋଇଥିଲେ ମଧ୍ୟ ଏହାର କୌଣସି ତଦନ୍ତ ହୋଇନାହିଁ। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ଆୟବ୍ୟୟ ହିସାବ ଦେଖାଉନାହାନ୍ତି, ସେ ବିଦ୍ୟାଳୟର ଗଛଗୁଡ଼ିକୁ କାଟି ବିକ୍ରି କରିଦେଇଛନ୍ତି। ପୂର୍ବରୁ ହୋଇଥିବା ଫାଇଭ-ଟି କାର୍ଯ୍ୟ ପାଇଁ ଆସିଥିବା ବିଭିନ୍ନ ସାମଗ୍ରୀ ମଧ୍ୟ ସେ ବଜାରରେ ବିକ୍ରି କରି ଦେଇଥିବା ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ୧୯୯୦ରେ ସ୍ଥାପିତ ଏହି ଶିକ୍ଷାନୁଷ୍ଠାନରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମାଳା ସୁବୁଦ୍ଧିଙ୍କୁ ପଚାରିବାରୁ ସେ ଗ୍ରାମବାସୀଙ୍କ ଅଭିଯୋଗଗୁଡ଼ିକୁ ଭିତ୍ତିହୀନ ଦର୍ଶାଇ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଅଭିଯୋଗ ପରେ ଡିଇଓଙ୍କ ନିର୍ଦ୍ଦେଶରେ ବୁଗୁଡା ବିଇଓ ମହାପାତ୍ର ଓ ଏବିଇଓ ଅମିତା କୁମାରୀ ପାଢୀ ଗତ ୨୧ ତାରିଖରେ ବାଲିପଦର ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ଅନୁଧ୍ୟାନ କରିଛନ୍ତି।



